ଧରିତ୍ରୀ
DHARITRI
December 30, 2018 - January 5, 2019 ₹ 2/-

# ଛୁଟିଦିନ




୮/୯ କ୍ୟାଲେଣ୍ଡର

# ନାଁ ଅଜବ ସ୍ୱାଦ ଗଜବ!




୪ ପ୍ରଚ୍ଛଦ ପ୍ରସଙ୍ଗ

ସେକେଣ୍ଡ ୱାଇଫ କିଚେନ୍, ପେଟପୂଜା, ଦେଶୀମୁର୍ଗା, ଘାସଫୁସ୍, ଫାଲ୍ତୁ ଇତ୍ୟାଦି ରେଷ୍ଟୁରାଣ୍ଟ ତା' ନାଁ ପାଇଁ ଯେମିତି ଗ୍ରାହକଙ୍କୁ ଆକୃଷ୍ଟ କରେ ତା'ର ସ୍ୱାଦ ସେମିତି ଗ୍ରାହକଙ୍କୁ ବାନ୍ଧିରଖେ...

୭ ସିନେମା



୧୩ ସହରଠୁ ଦୂର





# ନୂଆ ବର୍ଷର ନୂଆ ସଂକଳ୍ପ



✲ ପରିବେଶ ସୁରକ୍ଷା ଲାଗି ସମସ୍ତେ ହେବା ସଚେତନ। ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ କରିବା ସହ ବୃକ୍ଷ ରୋପଣ, ବିଦ୍ୟୁତ ଏବଂ ଜଳ ସଂରକ୍ଷଣ ଲାଗି ସମସ୍ତେ ହେବା ସଂକଳ୍ପବଦ୍ଧ।

✲ କରିଥିବା ଭୁଲରୁ ଶିକ୍ଷା ନେଇ ତାକୁ ସୁଧାରିବା ପାଇଁ ଚେଷ୍ଟା କରନ୍ତୁ।

✲ ରାଗ ଏବଂ ଅଭିମାନ ଭୁଲି ବିଗିଡି ଯାଇଥିବା ସମ୍ପର୍କକୁ ପୁଣି ସୁଧାରିବାକୁ ଚେଷ୍ଟା କରନ୍ତୁ।

✲ ନୂଆ ବର୍ଷରେ କିଛି ନୂଆ କରିବା ଲାଗି ଯୋଜନା ପ୍ରସ୍ତୁତ କରନ୍ତୁ।

✲ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶୃଙ୍ଖଳିତ ଜୀବନ ଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।

✲ ନିଜ ଭିତରେ ପରିବର୍ତ୍ତନ ଆଣନ୍ତୁ। ଖରାପ ଅଭ୍ୟାସକୁ ଦୂରେଇ ନୂଆ ଚିନ୍ତାଧାରା ଏବଂ ନୂଆ ପ୍ରେରଣା ସହିତ ଆଗକୁ ବଢନ୍ତୁ।

✲ ସକାରାତ୍ମକ ଚିନ୍ତାଧାରା ସହିତ ଜୀବନକୁ ଏକ ଉଚିତ ମାର୍ଗଦର୍ଶନ ଦିଅନ୍ତୁ।

✲ ପରିବାର ତଥା ସମାଜ ପ୍ରତି ଥିବା ନିଜ କର୍ତ୍ତବ୍ୟକୁ ଠିକ୍ ରୂପେ ସମ୍ପାଦନ କରନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୩୦, ୨୦୧୮-ଜାନୁୟାରୀ ୫, ୨୦୧୯

**ମେଷ**

ନୂତନ କର୍ମାରମ୍ଭ, ବନ୍ଧୁ ମିଳନ,ଅର୍ଥ ସାହାଯ୍ୟ ପାଇବେ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତିର ପରିବର୍ତ୍ତନ, ଶାରୀରିକ ସୁସ୍ଥତା, ଶତ୍ରୁ ହ୍ରାସ, ଆତ୍ମୀୟମାନେ ଦୋଷାରୋପ କରିବେ। ରବିବାର ଘାତବାର, ସମ୍ପର୍କ ହ୍ରାସ।

**ବୃଷ**

ଆରୋଗ୍ୟ ଲାଭ, ଭ୍ରାତୃ ସହଯୋଗ, ସ୍ଥଗିତ କାମର ଅଗ୍ରଗତି, ଅତିଥି ସେବାର ସୁଯୋଗ, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥ ପ୍ରାପ୍ତି, କାରବାରରେ ଉନ୍ନତି, ଆନୁଷ୍ଠାନିକ କାମରେ ପ୍ରଶଂସା, ଆୟ ତୁଳନାରେ ବ୍ୟୟ ବୃଦ୍ଧି। ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ଲାଭ।

**ମିଥୁନ**

ଶୁଭ ସମ୍ବାଦ ପ୍ରାପ୍ତି, ବନ୍ଧୁଙ୍କୁ ସାହାଯ୍ୟ, ସରକାରୀ ପ୍ରତିଶ୍ରୁତି ମିଳିବ, ସମ୍ପର୍କ ପୁଣି ଯୋଡ଼ି ହୋଇଯିବ, ଭ୍ରମଣ ହେତୁକ କ୍ଳାନ୍ତି, ଧନହାନିରୁ ଅନୁତାପ କରିବେ, ଦୂରଯାତ୍ରା, ପାରିବାରିକ ମତାନ୍ତର, ସାମାଜିକ ସମ୍ମାନ, ପରିବହନରେ ଝଗଡ଼ା।

**କର୍କଟ**

ଶାରୀରିକ ଅସୁସ୍ଥତା, ଭୁଲ୍ କାମରୁ ଅନୁତପ୍ତ, ଦ୍ରବ୍ୟ ନଷ୍ଟ, ଖର୍ଚ୍ଚାନ୍ତ ହେବେ। ଶୁଭ ଖବର। ଅପବ୍ୟୟ, ସହକର୍ମୀଙ୍କ ସହଯୋଗ ପାଇବେନି, ସାମ୍ବାଦିକତାରେ ଉନ୍ନତି, ବାଣିଜ୍ୟରେ ଲାଭ।

**ସିଂହ**

କାମରେ ବ୍ୟତିକ୍ରମ, ଅନ୍ୟମନସ୍କ ରହିବେ, ବୁଝାମଣାରେ ତିକ୍ତତା, ଶ୍ରମଜନିତ କ୍ଳାନ୍ତି। ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ଧାର ଉଧାର କରିବେ, ନିଷ୍ପତ୍ତିରେ ତ୍ରୁଟି ରହିଯିବ, ପଦାଧିକାରୀଙ୍କ ପ୍ରଶଂସା, ନୂତନ ବନ୍ଧୁ ସମ୍ପର୍କ, ନୂତନ ସ୍ଥାନ ପରିଭ୍ରମଣ।

**କନ୍ୟା**

ସମାଲୋଚିତ ହେବେ। ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଭୋଗବିଳାସ ପ୍ରତି ଆଗ୍ରହ, ଟେନସନ୍ କମିଯିବ, ତୀର୍ଥାଟନର ଚିନ୍ତା, ବିବାଦୀୟ ମାମଲାର ଫଇସଲା, ସହକର୍ମୀଙ୍କ ବଦାନ୍ୟତା, ଅଭିଳଷିତ ଫଳ ପାଇବେ।

**ତୁଳା**

ବନ୍ଧୁଙ୍କ ସହ ଦୂରଯାତ୍ରା। କର୍ମ ଜଞ୍ଜାଳ ବୃଦ୍ଧି, ଅନିଦ୍ରାଜନିତ କ୍ଲେଶ, ସମସ୍ୟା ସୁଧୁରିଯିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ଦ୍ରବ୍ୟ ଲାଭ, ବନ୍ଧୁବର୍ଗଙ୍କ ସହାନୁଭୂତି। କର୍ମ ମୁଖର ରହିବେ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ, ଧର୍ମକାର୍ଯ୍ୟରେ ରୁଚି।

**ବିଛା**

ଅଯଥା ବ୍ୟୟ, ପଶ୍ଚାତ୍ତାପ କରିବେ। ଘରୋଇ କଳହ, ଅର୍ଥ ପାଇବେ। କାର୍ଯ୍ୟରେ ବିଳମ୍ବ, ସହକର୍ମୀଙ୍କ ଛଳନା, ନିର୍ମାଣ କାର୍ଯ୍ୟରେ ଉନ୍ନତି, ଅପ୍ରିୟ ସତ୍ୟରୁ ମନାନ୍ତର, ପୁରାତନ ରୋଗରେ ପୀଡ଼ା, ଯାନ୍ତ୍ରିକତ୍ରୁଟିରୁ ମନସ୍ତାପ, ପଡ଼ୋଶୀଙ୍କ ସହୃଦୟତା।

**ଧନୁ**

ପାରିବାରିକ ଶାନ୍ତି,ଗୁରୁବର୍ଗଙ୍କ ପ୍ରେରଣା, ସୁସ୍ଥତା ବ୍ୟାହତ ହେବ, ଶୁଭ ଖବରଟିଏ ପାଇବେ, ବନ୍ଧୁ ସମ୍ପର୍କ ବୃଦ୍ଧି, ପଡ଼ୋଶୀଙ୍କ କ୍ରୋଧ, କ୍ରୀଡ଼ାରେ ସଫଳତା, ସନ୍ତାନ ହେତୁକ ଗୌରବ, ସଭାସମିତିକୁ ଆହ୍ୱାନ।

**ମକର**

ଟେନ୍ସନ ବଢ଼ିବ, ବନ୍ଧୁଟି ଭୁଲ୍ ବୁଝିବେ, ବିଦେଶ ଯାତ୍ରାର ସୁଯୋଗ, ଅପବ୍ୟୟର ସୀମା ଲଂଘନ, ଗୃହ ବିବାଦ ଲାଗିପାରେ। କର୍ମକ୍ଷେତ୍ରରେ ଟଣା ଓଟରା, ପରିବହନରୁ ଲାଭ, ମାଲିମକଦ୍ଦମାର ଫଇସଲା, ଋଣ ପରିଶୋଧର ଚିନ୍ତା।

**କୁମ୍ଭ**

କାମରେ ଅବହେଳା, ବିଭିନ୍ନ ସୂତ୍ରରୁ ରୋଜଗାର, ବ୍ୟୟଭାର କମିବ। ବେପାର ଭଲ ଜମିବ, ଭ୍ରାତୃପ୍ରୀତି ମିଳିପାରେ, କ୍ଳାନ୍ତି ଅନୁଭବ କରିବେ। ଯାତ୍ରାରେ ଅଭିଳଷିତ ଫଳ, କ୍ରନିକ୍ ରୋଗରେ ହଇରାଣ, କାର୍ଯ୍ୟ ସ୍ଥଗିତ ରହିବ, ସନ୍ଦେହରୁ ପାରିବାରିକ କଳହ।

**ମୀନ**

ଆନୁଷ୍ଠାନିକ କାମରେ ପ୍ରଶଂସା, ସ୍ୱଜନ ଶତ୍ରୁତା, ମାନସିକ ବ୍ୟଥା, ବ୍ୟୟ ବୃଦ୍ଧି। ଆତ୍ମୀୟମାନେ ଦୂରେଇ ଯିବେ, ଯୋଜନା କାର୍ଯ୍ୟକାରୀ କରିବେ। ଗୁରୁଜନଙ୍କ ପ୍ରେରଣା, ପାରିବାରିକ ସହଯୋଗ, ରାଜକୀୟ ସମ୍ମାନ, ଦ୍ୱନ୍ଦ୍ୱର ଅବସାନ।

# ପାଠକୀୟ

■ବାଡ଼! କଣ୍ଟା ବାଉଁଶ, ସିଝୁ, କିଆ କିମ୍ବା ତାରଜାଲିରେ ପ୍ରସ୍ତୁତ ଗୋଟିଏ ଗୋଟିଏ ଘେରା। ମାତ୍ର ଖୁବ୍ ସୂକ୍ଷ୍ମ ଭାବରେ ଦେଖିଲେ ବାଡ଼ର ମହତ୍ତ୍ୱ ସୁଦୂରପ୍ରସାରୀ। ମଣିଷକୁ ତା'ର ସୀମାବଦ୍ଧତା ସୂଚେଇଦେଇ ଏକ ସୁରକ୍ଷିତ ତଥା ଶୃଙ୍ଖଳିତ ଜୀବନ ଯାପନ କରିବାର ପଦ୍ଧତି ଶିଖାଇଥାଏ ଏହି ବାଡ଼। ତେଣୁ ଏଥରର ଛୁଟିଦିନରେ ପ୍ରକାଶିତ 'ବାଡ଼' ନାମକ ପ୍ରଚ୍ଛଦ ପ୍ରସଙ୍ଗ ପଢିଲା ପରେ ଏ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'କେମିତି ହେବେ ସମସ୍ତଙ୍କ ପ୍ରିୟ' ପାଠଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

***–ଭବାନୀ ଶଙ୍କର ଦାଶ, ଚକ୍ରତୀର୍ଥ ରୋଡ, ପୁରୀ***

■ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାଡ଼' ଏକ ନିଆରା ବିଷୟ ଥିଲା ଆମ ସମସ୍ତଙ୍କ ପାଇଁ। ଏଥିରେ ଅନେକ ଶିକ୍ଷଣୀୟ କଥା ମଧ୍ୟ ଲୁଚି ରହିଥିଲା, ଯାହା ଆମ ସମସ୍ତଙ୍କର ଶିଖିବା ନିହାତି ଦରକାର। 'ଶାଢିରେ ସେଲିବ୍ରିଟି' ପାଠଟିରୁ ବିଦେଶିନୀଙ୍କର ଦେଶୀ ଫ୍ୟାଶନରେ ରୁଚି ଥିବା କଥା ଜାଣିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ମିଥ୍ ଲେଖିକା କ୍ରିଷ୍ଣା ଉଦୟଶଙ୍କରଙ୍କ ଜୀବନଜୀବିକା ସମ୍ପର୍କରେ ଜାଣି ଖୁସି ଲାଗିଲା।

***–ଶତାୟୁ ସେନାପତି, ବ୍ରହ୍ମପୁର ଶିଳ୍ପାଞ୍ଚଳ, ଗଞ୍ଜାମ***

■ସୃଜନ ପୃଷ୍ଠାଟି ମୋର ଅତି ପ୍ରିୟ। ଏଥିରୁ ନୂଆ ନୂଆ ଲେଖିକା/ଲେଖକଙ୍କର ଗପ ଓ କବିତା ପଢିବାକୁ ମୋତେ ବହୁତ ଭଲ ଲାଗେ। ଏଥରର 'ରେବା' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପାଠ ବି ଏକ ନିଆରା ଅନୁଭୂତି ଦେଇଥାଏ। ଓଲିଉଡ୍, ବଲିଉଡ୍ କିମ୍ବା ହଲିଉଡ୍ ସହ ସମ୍ପର୍କ ଥିବା ସେଲିବ୍ରିଟିମାନଙ୍କର ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କରେ ଏଥିରୁ ଜାଣିହୁଏ।

***–ଅଭିନାଶ ଷଡ଼ଙ୍ଗୀ, ଡୁମୁଡୁମା, ଭୁବନେଶ୍ୱର***

■ସାଥୀ ଓ ପ୍ରଥମ ରୋଜଗାର ସ୍ତମ୍ଭ ପଢିଲେ ଦିଲ୍ ଖୁସ୍ ହୋଇଗଲା ପରି ଲାଗେ। କାରଣ ସାଥୀ ପୃଷ୍ଠାରୁ ଉତ୍ତର ଏତେ ମନଛୁଆଁ ହୋଇଥାଏ, ଏହାକୁ ପଢିଲେ ଟେନ୍ସନ୍ ଦୂର ହୋଇଗଲା ପରି ଅନୁଭବ ହୋଇଥାଏ। ସେହିପରି ରୋଜଗାର ସ୍ତମ୍ଭରୁ ଜଣେ ବ୍ୟକ୍ତିଙ୍କର ପିଲା ଦିନ, ପାଠପଢାଠୁ ନେଇ ବର୍ତ୍ତମାନ ସେ ଜୀବନ ପଥର କେଉଁ ପାହାଚରେ ପହଞ୍ଚିଛନ୍ତି ତାହା ଜଣାପଡିଯାଏ।

***–ତୁଷାର ପଣ୍ଡା, ନଖରା, କଟକ***

■ଅଜବ ବ୍ୟାଗ୍ ପାଠଟିରୁ ଆଶ୍ଚର୍ଯ୍ୟ ଲାଗିଲା ଭଳି କେତେକ ନିଆରା ଡିଜାଇନ୍‌ର ହ୍ୟାଣ୍ଡବ୍ୟାଗ୍‌ର ଫଟୋ ଦେଖିବାକୁ ମିଳିଲା। 'ଝୁଲନ୍ତା ମନ୍ଦିର', 'ମାରାଥନ୍ ମମ୍', 'ପପ୍‌କର୍ନ ବେଳାଭୂମି', 'ପାଠୋଇ ଜେଜେମା'' ଇତ୍ୟାଦି ପାଠଗୁଡ଼ିକ ବେଶ୍ ମନଲାଖି ହୋଇପାରିଥିଲା।

***–ଦୟାନିଧି ପ୍ରଧାନ, ଚନ୍ଦନପୁର, ପୁରୀ***

## ବିଶେଷ ଚିଠି



**ଭା**ରି ଭଲ ଲାଗେ
ଆହେ ଛୁଟିଦିନ
ରବିବାରେ ଯେବେ ଆସ,
ସିନେମା ବିବିଧା ତଥା ବ୍ୟାକ୍‌ପେଜ୍
କରଇ ମନ ହରଷ।
ସୁନ୍ଦର ପ୍ରଚ୍ଛଦ ପ୍ରସଙ୍ଗ ସହିତ
ରାଶିଫଳ ସତେ କେତେ ମଧୁର,
ବ୍ୟକ୍ତିତ୍ୱ, ସୃଜନ, ସାଥୀ, ହାଃ ହାଃ
ମନ କିଣିନିଏ ସହରଠୁ ଦୂର।

**–ଅଶୋକ ରାଉଳ, ଅଢଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

# ନୂଆ ବର୍ଷ ଅବସରରେ ଦୁବାଇର ରେକର୍ଡ

ନୂତନ ବର୍ଷକୁ ସ୍ୱାଗତ କରିବା ଲାଗି ବିଭିନ୍ନ ସଂସ୍ଥା ଭିନ୍ନ ଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ସେହିଭଳି ଗତବର୍ଷ ଅର୍ଥାତ ୩୧ ଡିସେମ୍ବର ୨୦୧୭ରେ ନୂତନ ବର୍ଷକୁ ସ୍ୱାଗତ କରିବା ଲାଗି ଦୁବାଇଠାରେ ଅବସ୍ଥିତ ବିଶ୍ୱର ସର୍ବୋଚ୍ଚ ଟାୱାର ବୁର୍ଜ ଖଲିଫାଠାରେ ଆୟୋଜନ କରାଯାଇଥିଲା ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଯାହା ସ୍ଥାନ ପାଇଥିଲା ଗିନିଜ ୱାର୍ଲ୍ଡ ରେକର୍ଡରେ। ଏତେ ବଡ ଟାୱାର ଉପରେ ଲେଜର ଲାଇଟ ଶୋ ତଥା ମ୍ୟୁଜିକାଲ ଫାଉଣ୍ଟେନ ଶୋର ଏହା ସବୁଠାରୁ ବଡ ଇଭେଣ୍ଟର ମାନ୍ୟତା ଲାଭ କରିଥିଲା। ୧୦ ମିନିଟ ଧରି ଚାଲିଥିବା ଏହି ଲେଜର ଶୋ'କୁ ଦେଖିବା ଲାଗି ପାଖାପାଖି ୧.୫ ମିଲିୟନ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ। ଏହି ଭବ୍ୟ ସମାରୋହର ନାଁ ରଖାଯାଇଥିଲା 'ଲାଇଟ ଅପ୍ ୨୦୧୮'।



ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କବିତା

## ନୂଆବର୍ଷ ଓ ନୀଳ ଯନ୍ତ୍ରଣା

– ରାଜ କିଶୋର ଦାସ

ପୂଜା ମଣ୍ଡପରେ ସେଲ୍‌ଫି
ମନ୍ତ୍ରୀଙ୍କ ସହ ସେଲ୍‌ଫି
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ସେଲ୍‌ଫି ।
ଦେଶ ବିଦେଶରୁ ଆସିଥିବା ହକି ତାରକାମାନଙ୍କ ସହ
ସେଲ୍‌ଫି
ଶାହରୁଖ୍ ଖାଁ, ମାଧୁରୀ, ରେହମନ୍‌ଙ୍କ ସହ ପରେ
ଏବେ ନୂଆବର୍ଷ ସହ ସେଲ୍‌ଫି ନବା ମୁଡ୍‌ରେ ।

ଯେତେଥର ଜଗିଛି ଏ ନୂଆବର୍ଷକୁ
କେମିତି ଲୁଚିଛପି ଚାଲିଆସେ ଯେ
ଜମାରୁ ଧରାଦିଏନି ।

ପଞ୍ଚତାରକା ହୋଟେଲ୍‌ର
ମନ୍ଦମନ୍ଦ ଆଲୋକରେ
ସୁରା ଶାକିର ନୈକଟ୍ୟରେ
ଟୁନ୍‌ଟାନ୍ ଶବ୍ଦରେ, ଝୁମ୍‌ଝୁମ୍ ଶବ୍ଦରେ
ନୂଆବର୍ଷ ଆସୁଥିବ କି ?

ବ୍ରଏଲର୍ କୁକୁଡ଼ାର ମୃତ୍ୟୁଜନିତ ଯନ୍ତ୍ରଣାରେ
ସଦ୍ୟ ଗୋଲାପ ଫୁଲର ମୌଳି ଯିବାରେ
କେଉଁଆଡ଼େ କେମିତି ଆସିବ ଯେ ଏ ନୂଆବର୍ଷ
ୟା'ସଙ୍ଗେ ସେଲ୍‌ଫି ନେଇହବ

ତା' ବେଢଙ୍ଗିଆ ଇଂଲିଶ ଚାଲି
କେମିତି ବା ଦେଖିହେବ ସେ ତ ଲୁଚିଲୁଚି
ଶୀତରାତି ଅଧରେ ଆସେ
ମିଛ ମିଛ ରୋମାଞ୍ଚରେ ଆସେ
ମାୟାର କୁହୁଡ଼ିରେ ଆସେ
ଏ ନୂଆବର୍ଷ ଆସିବା ବି ମିଛ ହେଇପାରେ ।

ମିଛ ଯେମିତି ତମ ଆମର
ବଧେଇ ଜଣେଇବା, କୋଳାଗ୍ରତ ହେବା
ସବୁ ଭିତରେ ତ ମତଲବ
ଯେମିତି ନୂଆବର୍ଷର ମତଲବ
ମୋତେ ଆଉ ବର୍ଷେ ପୁରୁଣା କରିଦେବା ।
ଗୋଟେ ଅଦୃଶ୍ୟ ମୋହର ଦେହ, ମୁହଁ, ଛାତି
ଚାରିଆଡ଼େ ଲେସି
ନୀଳନୀଳ କ୍ଷତର ମୃଦୁଯନ୍ତ୍ରଣା ଦେଇଯିବା
ହୁଏତ ନୂଆବର୍ଷର ଲକ୍ଷ୍ୟ ।

*– ପ୍ଲଟ୍ ନଂ–୧୦୪୬/୨୯୦୫,*
*ଲେନ୍–୧୩, ଶ୍ରୀରାମନଗର,*
*ସାମନ୍ତରାପୁର, ଭୁବନେଶ୍ୱର–୭୫୧୦୦୨*
*ମୋ–୯୪୩୯୦୮୩୯୪୦*

## ଜାନୁୟାରୀ ୧

– କୃଷ୍ଣ କୁମାର ମହାନ୍ତି

ଶେଷରେ ତମେ ଆସିଲ ।

ଆଲୁଅ ଓହ୍ଲେଇ
ବିଛଣାରେ ଶୋଇଥିବା ଶେଷରାତି
ଘରୁ ବାହାରିଗଲା ବେଳେ
ଖୋପରେ ରଖି ଦେଇଗଲା
ବାସି ବାସ୍ନା କିଛି ।

ଝର୍କା ଫାଙ୍କ ଦେଇ ପଶି ଆସିଲା
ଚିହ୍ନା ଚିହ୍ନା ଚେନାଏ
ନୀରବତା ।

କାନ୍ଥ ଉହାଡ଼ରୁ ବାହାରି ଆସିଲେ
ଛାଇ ହୋଇ ଛପି ରହିଥିବା
କୋଳାହଳ ଯେତେ ।

କିଏ ଜଣେ ଆସ୍ତେ ଆସ୍ତେ
ଉଲଗ୍ନ ହେଲା ତା'ପରେ ।
କାହାର ଆମନ୍ତ୍ରଣରେ ମହକିଗଲା
କଣ୍ଟା ଫୁଲ ହୋଇ ଫୁଟିଥିବା
ଚୂନା ଚୂନା ସ୍ୱର୍ଶସବୁ ।

ପ୍ରତିଥର ଅଣଛୁଆଁ ହୋଇ
ପଡ଼ି ରହୁଥିବା
ଆଙ୍ଗୁଠି ସନ୍ଧିର ଅନ୍ଧାରରୁ
ଜନ୍ମ ନେଲ ତୁମେ....

ଲମ୍ବା ପ୍ରତୀକ୍ଷାର ହଳେ
ଆଖି ହେଲି
ମୁଁ ।

ଏଥର ଏ ଆଲୁଅ, ଏ ବାସ୍ନା
ପରିପୂର୍ଣ୍ଣ ଏ ସ୍ୱର୍ଶମାନେ
ଆମକୁ ପିନ୍ଧେଇ ଦେବେ ପୋଷାକ
ଏକ ଦେହାନ୍ତରର ।

ଆସ,ଏ ନୂଆ ସକାଳରେ
ପାପପୁଣ୍ୟର ତର୍ପଣ ସାରିବା ।

*–୩୮୯/୩୨୦୬, ଫକୀରମୋହନ*
*ନଗର, କରଞ୍ଜିଆ,*
*ବାଲେଶ୍ୱର–୭୫୬୦୦୧,*
*ମୋ: ୭୦୦୮୮୪୫୯୨୦*

## ସନେଟ୍ : ନୂଆବର୍ଷ

– ସୁରେନ୍ଦ୍ର ପାଣିଗ୍ରାହୀ

ନୂଆବର୍ଷ ଆସେ ଲୁଚି ପୋକଶୁଙ୍ଘା ଅମରି ବାଡ଼ରେ
କୁହାଟଇ ଶୀତରାତି ନଈକୂଳେ ପାଳଭୂତ ହେଇ
ନୂଆବର୍ଷ ଆସେ ପୁଣି ଶୀତ ସଞ୍ଜ ଉହ୍ଲେଇ ନିଆଁରେ
ମାଇଲ ମାଇଲ ବ୍ୟାପୀ ଫାଙ୍କା ବିଲ ଶୂନ୍ୟ ସଂହିତାରେ ॥

ନୂଆବର୍ଷ ନାଚୁଥାଏ ଢୋଲମାଦଳ ବଇଁଶୀର ସୁରେ
ଅରଖ ଓ ବାସଙ୍ଗ ବଣରେ ପୁଣି ହାଇମାରେ ସକାଳର
ଖରା
ନୂଆବର୍ଷ ଶୋଇଥାଏ ହେଁସ ଘୋଡ଼ି ହିଡ଼ ହୁଡ଼ା ମୂଳେ
ବିପିଏଲ୍ ଭାଗ୍ୟଚକ୍ର ଘୂରୁଥାଏ ହାତୀଘୋଡ଼ା
ପେଁ'କାଳି ସୁରେ ॥

ନୂଆବର୍ଷ ଲେଖିଦିଏ ଲୁହ ଆଉ ଲହୁର ଦଲିଲ
ନଈପାଣି ଆରିସିରେ ଦେଖି ଡରେ ନିଜର ଚେହେରା
ନୂଆବର୍ଷ ନାଚୁଥାଏ ମିଛ ଖଚ ମନ ମାତାଲିରେ
ଖାଁ ଖାଁ ଖଳାବାଡ଼ ଖେଦୁଥାଏ କ୍ଷୁଧାର ଖଞ୍ଜଣି ॥

ନୂଆବର୍ଷ ନୁଚିଥାଏ ଉର୍ବଶୀର ଦେହ ଦର୍ପଣରେ
ନୂଆବର୍ଷ ଫେରିଯାଏ ନିଉଛୁଣା ନୁଖୁରା ନିଦରେ ॥

*– ବରୀ, ସିମୁଳିଆ, ବାଲେଶ୍ୱର*
*ମୋ : ୯୪୩୭୨୮୨୯୮୪*



# ନାଁ ଅଜବ ସ୍ୱାଦ ଗଜବ!




**ସେକେଣ୍ଡ୍ ୱାଇଫ କିଚେନ୍, ପେଟପୂଜା, ଦେଶୀମୁର୍ଗା, ଘାସଫୁସ୍, ଫାଲ୍‌ତୁ ଇତ୍ୟାଦି ରେଷ୍ଟୁରାଣ୍ଟ ତା' ନାଁ ପାଇଁ ଯେମିତି ଗ୍ରାହକଙ୍କୁ ଆକୃଷ୍ଟ କରେ ତା'ର ସ୍ୱାଦ ସେମିତି ଗ୍ରାହକଙ୍କୁ ବାନ୍ଧିରଖେ...**




ପ୍ରତିଦିନ ଖାଇବା ପାଇଁ ଘରେ, ବାହାରେ, ରେସ୍ତୋରାଁରେ କିମ୍ବା ପୂଜାପୀଠରେ ଅନେକେ ପହଞ୍ଚିଥାନ୍ତି। ହେଲେ ଖାଇବାବେଳେ ଯଦି କୌଉତୁକିଆ କଥା କିମ୍ବା ନାଁଟିଏ ଶୁଣିଲେ ହୁଏତ ମନଟା ଟିକେ ଖୁସି ହୋଇପାରେ। ଯେମିତି କି ସେକେଣ୍ଡ୍‌ୱାଇଫ କିଚେନ୍, ପେଟପୂଜା, ଦେଶୀମୁର୍ଗା, ଘାସଫୁସ୍, ଫାଲ୍‌ତୁ ରେସ୍ତୋରାଁ ଇତ୍ୟାଦି। ଏମିତି କୌତୁକିଆ ନାଁ ର ପରିଚୟ ନେଇ ରହିଛି କିଛି ହୋଟେଲ ଓ ରେସ୍ତୋରାଁ।

**ପେଟପୂଜା:** ବିଭିନ୍ନ ସମୟରେ କେତେକ ସ୍ଥାନରେ ଶ୍ରଦ୍ଧାଳୁମାନେ ନିଜ ମାନସିକ ପୂରଣ ନିମନ୍ତେ ବିଭିନ୍ନ ପ୍ରକାର ପୂଜାପାଠ କରିଥାନ୍ତି। ଏପରି କି କେହି କାହାରିଠାରୁ ବି କିଛି କୃପାଲାଭ ଆଶାରେ ଏପରି ଉପଚାର ପନ୍ଥାକୁ ଅବଲମ୍ବନ କରି କେଉଁଠି ଚଣ୍ଡୀପୂଜା, ଲିଙ୍ଗପୂଜା, ପୋଥିପୂଜା, ବୃକ୍ଷପୂଜା, ପଶୁପକ୍ଷୀ ଓ ମୂର୍ତ୍ତି ପୂଜା ଇତ୍ୟାଦି କରିବା ନଜିର ରହିଛି। କିନ୍ତୁ ପେଟପୂଜା କଥାଟି ଟିକେ ନିଆରା। ସଂସାରରେ ଯେ କେହି ବି ପ୍ରାଣୀକୁ ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ପେଟପାଟଣା କଥା ଚିନ୍ତା କରିଥାନ୍ତି। କିନ୍ତୁ ପେଟପୂଜା ପାଇଁ ଆପଣ ଯଦି କେବେ ଚିନ୍ତା କରିଛନ୍ତି, ତା' ହେଲେ କ'ଣ କରନ୍ତି? ହଁ ଏମିତି ପେଟପୂଜା କଥା କହିଲେ ହୁଏତ କେହି ବି କହିପାରନ୍ତି ଭୁବନେଶ୍ୱରର ଏକ୍ରାମ ହାଟକୁ ଆସନ୍ତୁ। ହାଟ ପରିସର ପାର୍କରେ ବୁଲାବୁଲି ବେଳେ ହୁଏତ ନଜର ପଡ଼ିପାରେ ପେଟପୂଜା ଲେଖାଥିବା ଏକ ନେମ୍‌ପ୍ଲେଟ ଉପରେ। ଆଉ ତା' ନିକଟରେ ରଙ୍ଗିନ ଛତା ତଳେ ପଡ଼ିଥିବା ଚେୟାରରେ ବିଭିନ୍ନ ବର୍ଗର ଲୋକଙ୍କୁ ଭୋଜନ କରୁଥିବାର ଦେଖିବାକୁ ପାଇବେ। ଆପଣ ବି ଏଠାରେ ଭୋଜନ କରିପାରନ୍ତି। କେଉଁ ପ୍ରକାରର ଖାଦ୍ୟ ଖାଇବା ପାଇଁ ଚାହୁଁଛନ୍ତି ତାହା ଜଣାଇଦିଅନ୍ତୁ ପେଟପୂଜା ମାଲିକଙ୍କୁ। ବାସ୍, ଖୁବ୍ କମ୍ ସମୟ ମଧ୍ୟରେ ଅର୍ଡର ମୁତାବକ ଆବଶ୍ୟକ ଖାଦ୍ୟ ଆଣି ଆପଣଙ୍କ ଡାଇନିଂ ଟେବୁଲ ପାଖରେ ପହଞ୍ଚିଯିବେ । ଆଉ ବିଳମ୍ବ ନ କରି ଏଥର ପେଟପୂଜା କରିପାରିବେ। ଆଉ ଏଠାରେ ବର୍ଷର ବିଭିନ୍ନ ସମୟରେ ଓଡ଼ିଆ ଘରର ବିଭିନ୍ନ ଖାଦ୍ୟ ଖାଇବାକୁ ପାଇବେ। ଏଥିସହିତ ଋତୁ ଅନୁସାରେ ବି ବିଭିନ୍ନ ଖାଦ୍ୟର ବ୍ୟବସ୍ଥା ହୋଇଥାଏ। ଏହି ପେଟପୂଜା ହୋଟେଲରେ ସାଧାରଣତଃ ୫୦ରୁ ଆରମ୍ଭ କରି ୩୦୦ ଟଙ୍କା ଯାଏ ନାନାପ୍ରକାର ଘରୋଇ ଖାଦ୍ୟ ମିଳିଥାଏ। ପୁଣି ଖାଦ୍ୟର ମାନ ଅନୁସାରେ ମୂଲ୍ୟ ନିରୂପଣ କରାଯାଇଥାଏ। କିନ୍ତୁ ବର୍ଷର ସବୁ ସମୟରେ କଖାରୁ ଫୁଲର ପିଠଉ ମିଳେ। କଙ୍କଡ଼ା, ଚିକେନ, ଚିଲି ମାଛ, ମାଛପୋଡ଼ା, ମାଂସପୋଡ଼ା, ଚୂନାମାଛ ବେସର ମିଳୁଥିବା ବେଳେ ଚକୁଳି-ମଟନର ଚାହିଦା ମଧ୍ୟ ରହିଛି। ତା'ଛଡ଼ା ପଖାଳ, ଦହିପଖାଳ, ବଡ଼ିଚୂରା, ଶାଗଭଜା, ଆଳୁଭର୍ତ୍ତା, ଆଚାର, ସାଲାଡ଼, ଖେଚୁଡ଼ି ଖାଇବାକୁ ପାଇବେ। କିନ୍ତୁ ଦିନ ୧୦ଟାରୁ ରାତି ୧୦ଟା ଯାଏ ଖାଦ୍ୟ ଅନ୍ୱେଷଣରେ ଥିବା ଲୋକଙ୍କ ଏଠାରେ ଚାଲେ ପେଟପୂଜା। ଏହି ପେଟପୂଜା ହୋଟେଲର ମାଲିକ ପ୍ରକାଶ ବେହେରା କୁହନ୍ତି, ପୁରୀ ଜିଲା ନିମାପଡ଼ା ଶ୍ରୀମୁଖ ଗାଁରେ ଆମଘର। ୨୦୦୨ ମସିହାର କଥା। ଏକ୍ରାମ ହାଟରେ ଦିନେ ବିଭୂତିବାବୁ, ଦିଲୀପବାବୁ , ପ୍ରଦୋଷବାବୁ ଏବଂ ମଳିଆବାବୁଙ୍କ ସହିତ ମିଶି ଗୁଲିଗପ ଚାଲିଥାଏ। କିଛି ଖାଇବାର ବନ୍ଦୋବସ୍ତ କଥା ଉଠିଲା। ଠିକ୍ ଏତିକିବେଳେ କଥା ପ୍ରସଙ୍ଗରେ ହିଁ ପେଟପୂଜା କଥା କୁହାଯାଇଥିଲା। ତା'ପରେ ଏଠାରେ ହୋଟେଲର ନାମ ପେଟପୂଜା ରଖାଯାଇଥିଲା। ସେବେଠାରୁ ଏହି ପେଟପୂଜାରେ ବିଭିନ୍ନ ବର୍ଗର ଲୋକଙ୍କୁ ମନଛୁଆଁ ସ୍ୱାଦିଷ୍ଟ ଖାଦ୍ୟ ମିଳିଥାଏ। ତେବେ ଏହି 'ପେଟପୂଜା' ହୋଟେଲରେ ବିଭିନ୍ନ ଖାଦ୍ୟର ମୂଲ୍ୟ ଅଲଗା ଅଲଗା ରହିଥାଏ। ରଜ ବେଳେ ସ୍ୱତନ୍ତ୍ର ଭାବେ ପୋଡ଼ପିଠା ମିଳିଥାଏ। ପ୍ରତିଦିନ ଏଠାକୁ ପ୍ରାୟ ଶତାଧିକ ଲୋକ ଆସିଥାନ୍ତି। ଭୋଜନ କରିବା ସହିତ ପାର୍କର ସୁନ୍ଦର ପରିବେଶରେ ବସି ମନ ଖୁସି କରିଥାନ୍ତି।




**ସେକେଣ୍ଡ୍ ୱାଇଫ କିଚେନ୍:** ଆପଣଙ୍କ ମଧ୍ୟରେ ଯଦି କେହି ବିବାହିତ ତେବେ ହୁଏତ ଆପଣ ଧର୍ମପତ୍ନୀଙ୍କ ହାତରନ୍ଧା ପରଷା ଖାଇଥିବେ। ଖାଦ୍ୟର ସ୍ୱାଦ ଯାହା ବି ହେଇଥାଉ କିନ୍ତୁ ପତ୍ନୀଙ୍କୁ ମନେ ମନେ ଭୂରି ଭୂରି ପ୍ରଶଂସା କରିବାକୁ ବିଲ୍‌କୁଲ୍ ଭୁଲି ନ ଥିବେ । କିନ୍ତୁ କେବେ ଯଦି କୌଣସି ରେସ୍ତୋରାଁରେ ଖାଇବାର ମଉକା ଜୁଟିଥିବ, ତେବେ ଅନୁଭୂତି ଟିକେ ନିଆରା। ମାତ୍ର ସେକେଣ୍ଡ୍ ୱାଇଫ କିଚେନ ସମ୍ପୂର୍ଣ୍ଣ ଅଲଗା। କ'ଣ ମାଇଣ୍ଡ କଲେ କି? କିନ୍ତୁ ସତକଥାଟି ହେଲା ଆମେ କାହାରି ସେକେଣ୍ଡ୍ ୱାଇଫ୍‌ଙ୍କ ରୋଷେଇ କଥା କହୁନାହୁଁ ବରଂ ଖାଦ୍ୟର ସ୍ୱାଦକୁ ନେଇ ଆପଣଙ୍କ ମନରେ ରହିଥାଇପାରେ କିଛି ଅନୁଭୂତି । ଯେମିତି କି କେବେ ଯଦି ଆପଣ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର କେଶୁରାଠାରୁ ନୂଆ ବାଇପାସ ରୋଡ଼ରେ ପୁରୀ ଆଡ଼େ ଯିବେ ହୁଏତ ନଜର ପଡ଼ିପାରେ ହୋଟେଲ ସେକେଣ୍ଡ ୱାଇଫ କିଚେନ୍ ଉପରେ। ହଁ ଏଠାରେ ନିଶାସେବନକୁ ବାରଣ କରାଯାଇଛି । ପାରିବାରିକ ଅତିଥିମାନେ ଏଠି ଭୋଜନ କରିଥାନ୍ତି । ଏହି ହୋଟେଲରେ କେବଳ ଆମିଷ ଖାଦ୍ୟର ଚାହିଦା ରହିଛି। ସେକେଣ୍ଡ ୱାଇଫ କିଚେନ୍ ଖାଦ୍ୟର ସ୍ୱାଦ କୁଆଡ଼େ ଅନ୍ୟ ହୋଟେଲ ସହିତ ତୁଳନା କରାଯାଏନା । କିନ୍ତୁ ଘରେ ଥିବା ୱାଇଫଙ୍କ ରୋଷେଇ ସହିତ ଏହି ସେକେଣ୍ଡ ୱାଇଫ କିଚେନରେ ରୋଷେଇ ସ୍ୱାଦର ମାନକୁ ନିରୂପଣ କରାଯାଇପାରେ ।

ଏହି ହୋଟେଲ ସମ୍ପର୍କରେ ମିର୍ଜା ଏକ୍ରାମ ବେଗ କୁହନ୍ତି, ଯୁକ୍ତ ଦୁଇ ପରେ ଆଇଟିଆଇ କଲି। ମାତ୍ର ନିଯୁକ୍ତି ପାଇଁ କିଛିଦିନ ରେଲୱେର ଠିକାସଂସ୍ଥାରେ କାର୍ଯ୍ୟ କରି ପୁଣି ଠିକାଦାରି କଲି। କିଛିମାସ ଏକ କାର୍ ଗ୍ୟାରେଜ, ତା'ପରେ ଏକ ମୋବାଇଲ ଦୋକାନ ଦେଲି। ସବୁଥିରେ ରୁଚି ରଖି ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିଥିଲି, କିଛି ସଫଳତା ବି ପାଇଲି। କିନ୍ତୁ ବହୁଦିନର ଅଭିଳାଷ ଥିଲା ଗୋଟିଏ ହୋଟେଲ କରିବା ପାଇଁ। ମାତ୍ର →






୨୦୧୮ରେ କେଶୁରା -ପୁରୀ ନୂଆ ବାଇପାସ ରାସ୍ତାକଡ଼ରେ ଏକ କୌତୁକିଆ ନାଁରେ ପୁଣି ନିଆରା ଶୈଳୀର ହୋଟେଲଟିଏ ଆରମ୍ଭ କଲୁ, ଯାହାର ନାଁ ସେକେଣ୍ଡ ୱାଇଫ କିଚେନ୍। ଏଥିରେ ଉମାକାନ୍ତ ଦାଶ ମୋର ପାର୍ଟନର ଅଛନ୍ତି। ଆମେ ଦୁଇବନ୍ଧୁ ଏହି ହୋଟେଲ କଥା ବୁଝିଥାଉ। ଏଠାରେ ମାଟିଥାଳିରେ ଖାଦ୍ୟ, ମାଟି ଗ୍ଲାସରେ ପାଣି ଗରାଖଙ୍କୁ ପରଷା ଯାଇଥାଏ। ଘରୋଇ ଭାବେ ଶିଳରେ ବେସର ଓ ଅନ୍ୟ ମସଲା ବଟାଯାଉଥିବା ବେଳେ ମାଟିହାଣ୍ଡିରେ ରୋଷେଇ ହୋଇଥାଏ। ଚୁଲିରେ ରୋଷେଇ କରାଯାଇଥାଏ। ମଟନ, ଚିପ୍ସ, ଚିକେନ, କଲରାଚିପ୍ସ, ଶାଗଭଜା, ଦହି, ସାଲାଡ଼, ପାମ୍ପଡ଼, ଡାଲମା ସହ ଅରୁଆ ଉଷୁନା ଭାତର ବ୍ୟବସ୍ଥା ହୋଇଥାଏ। ସାଧାରଣତଃ ୯୯ଟଙ୍କାରୁ ଆରମ୍ଭ କରି ୪୪୯ଟଙ୍କାଯାଏ ମିଲ୍ସ ମୂଲ୍ୟ ରହିଛି। ବିଭିନ୍ନ ଆଇଟମକୁ ନେଇ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। କେବଳ ବୁଧବାର ଅଧିକ ଗ୍ରାହକଙ୍କ ଭିଡ଼ ଜମେ। ପ୍ରତିଦିନ ଶତାଧିକ ଲୋକ ଆସିଥାନ୍ତି। ଏଠାକୁ ଆସୁଥିବା ଗରାଖଙ୍କୁ ସମ୍ମାନ ସହ ସେମାନଙ୍କ ରୁଚିପ୍ରତି ନଜର ରଖି ଖାଦ୍ୟ ପରଷିଥାଉ। ଏଠାରେ ଭୋଜନ କଲେ ଖାଦ୍ୟ ତ ଖାଇବେ ପୁଣି ଏହାର ନାଁ ଶୁଣି ଖୁସି ହେବେ । ଅନ୍ୟ ମୁହଁରେ ଟିକେ ହସଫୁଟାଇବାର ଏହା ଏକ ନିଆରା ପ୍ରୟାସ ।

**ଦେଶୀ ମୁର୍ଗା:** ଏବେ ପିକ୍‌ନିକ ଋତୁ । ପାର୍ଟି ପିକ୍‌ନିକରେ ଅଧିକାଂଶ ମାଂସାହାରୀ ମାଛ ଓ ଦେଶୀ କୁକୁଡ଼ାକୁ ପସନ୍ଦ କରିଥାନ୍ତି । କେହି କେହି ବି ମଟନ ପାଇଁ ଇଚ୍ଛା କରିଥାନ୍ତି। । ତେବେ ପାର୍ଟି ପିକ୍‌ନିକରେ ଯଦି ଉଷୁନା ବଗଡ଼ା ଚାଉଳର ଭାତ ସାଙ୍ଗକୁ ଦେଶୀକୁକୁଡ଼ା ତରକାରିର ଝୋଳ ମିଳେ ତେବେ ବହି ଜମିଲା। କିନ୍ତୁ ବ୍ୟସ୍ତ ହେବାର କିଛି ନାହିଁ । ଆଜିକାଲି ପ୍ରାୟ ଅନେକ ସ୍ଥାନରେ ଦେଶୀ ଓ ବିଦେଶୀ କୁକୁଡ଼ା ମିଳେ । ସମାଜରେ ମାଂସାହାରୀଙ୍କ ପାଇଁ ଦେଶୀ କୁକୁଡ଼ାର ଚାହିଦା ଟିକେଅଲଗା। ଦେଶୀ କୁକୁଡ଼ା ଝୋଳ ବି ଭାରି ଟେଷ୍ଟି । ଏପରି କଥା ଶୁଣିଲେ ହୁଏତ ମନେପଡ଼ିପାରେ ଦେଶୀ କୁକୁଡ଼ା ତରକାରି । ତେବେ ଏଠାରେ ଆମେ ଯେଉଁ ଦେଶୀମୁର୍ଗା କଥା କହୁଛୁ ତାହା ହେଉଛି ଏକ ହୋଟେଲର ନାଁ। ହଁ ଏହିପରି ନାଁରେ ଏକ ହୋଟେଲ ରହିଛି ପୁରୀ ବଳିଆପଣ୍ଡା ନିକଟସ୍ଥ ଲାଇଟ ହାଉସ୍‌ଠାରେ। ଏ ନେଇ ହୋଟେଲର ମାଲିକ ଶୁକଦେବ ମିଶ୍ର କୁହନ୍ତି ,ମୋ ଘର ପୁରୀ ବାଲିସାହି। ସଦାଶିବ ସଂସ୍କୃତ କଲେଜରେ ବି.ଏ. ପରେ ସ୍ୱାବଲମ୍ବୀ ହେବା ପାଇଁ ଚିନ୍ତାକଲି, ତା'ପରେ ଏକ ଲଜିଂରେ ରହିଲି। ଏବେ ନିଜେ ହୋଟେଲଟିଏ କରିଛି। ହୋଟେଲ ନାଁ ରହିଛି ଦେଶୀ ମୁର୍ଗା । ଏମିତି ନାମ ଦେବାର କାରଣହେଲା ଏଠାକୁ ଆସୁଥିବା ଗରାଖମାନେ ଭୋଜନ କଲାବେଳେ ନାମଟା ଶୁଣି ଯଦି ଟିକେ ହସି ଦିଅନ୍ତି ତେବେ ଆମେ ବି ଖୁସି ହେଉ। ଏହି ହୋଟେଲ ସକାଳ୧୦ଟାରୁ ରାତି ୧୦ଟାଯାଏ ଖୋଲାରୁହେ। ସାଧାରଣତଃ ୪୦ରୁ ଆରମ୍ଭକରି ୧୦୦ଟଙ୍କାଯାଏ ମିଲ୍‌ସର ମୂଲ୍ୟ ରହିଛି । ବେସର, ଶାଗ, ଡାଲମା, ମହୁର, ମାଛବେସର, ଖେଚୁଡ଼ି, ଚିଙ୍ଗୁଡ଼ି, ଚିକେନ ଆଦି ମିଳେ। କିନ୍ତୁ ଗରାଖଙ୍କ ଅର୍ଡର ଅନୁସାରେ ଖାଦ୍ୟର ମୂଲ୍ୟ ନିରୂପଣ କରିଥାଉ। ଦୈନିକ ଶତାଧିକ ଲୋକ ଏଠାକୁ ଆସନ୍ତି। କେବଳ ସଂକ୍ରାନ୍ତି ଦିନ ଏହି ହୋଟେଲ ବନ୍ଦରୁହେ।

**ଘାସଫୁସ୍:**.ବିଭିନ୍ନ ପନିପରିବାରେ ପ୍ରସ୍ତୁତ ଖାଦ୍ୟକୁ ଅନେକ ଶାକାହାରି ବ୍ୟକ୍ତି ପସନ୍ଦ କରିଥାନ୍ତି। ହେଲେ ଘାସଫୁସ୍ ନାମଟି ଶୁଣିଲେ ଟିକେ ଭାବନାରେ ପଡ଼ିପାରନ୍ତି । ହେଲେ ଏମିତି ନାମରେ ଏକ ହୋଟେଲ ରହିଛି। ଏହି ହୋଟେଲ ସମ୍ପର୍କରେ ମଦନ ଗୋପାଳ ଦାସ କୁହନ୍ତି, ଭୁବନେଶ୍ୱର ବାପୁଜୀ ନଗର ପ୍ଲଟ ନଂ ୧୧୦ରେ ମୋ ଘର। ଏମିତି ଏକ ନାଁରେ ଥିବା ଏହି ହୋଟେଲରେ ପନିପରିବା ଓ ଶାଗ ଆଦିରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ହୋିଥାଏ। । ଭେଜ୍‌ବିରିୟାନି, ତନ୍ଦୁର, ନାନ, କଶ୍ମୀର ପଲାଉ, ପନିର, ବଟର ମସଲା, ମିକ୍ସ ଆଦି ଖାଦ୍ୟ ପ୍ରସ୍ତୁତି କରାଯାଇଥାଏ। ଗୋଟିଏ ଗୋଟିଏ ଡିସ୍‌ର ମୂଲ୍ୟ ୨ଶହ, ୧୭୦ଟଙ୍କା ଦାମ ରହିଛି । ଦିନ୧୧ରୁ ରାତି୧୧ଟା ଯାଏ ଏହି ଘାସଫୁସ୍ ହୋଟେଲ ଚାଲେ ।

**ଫାଲ୍‌ତୁ ହୋଟେଲ:** ବେଳେ ବେଳେ ଏମିତି ବି ହୁଏ। ନାମ ହୋଇଥିବ ସୁନ୍ଦର, କିନ୍ତୁ ଦେଖିବାକୁ ଅସୁନ୍ଦର । ଏପରି ନାଁ ଆଉ କାର୍ଯ୍ୟରେ ନିଶ୍ଚୟ ଫରକ ଥିବ। କିନ୍ତୁ ସାଧାରଣ ହୋଇଥିବ ମାତ୍ର ଅସାଧାରଣ କାର୍ଯ୍ୟ କରୁଥିବ । ଏପରି କାର୍ଯ୍ୟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିପାରେ, ଠିକ ସେହିପରି କେତେକ ସ୍ଥାନ ସମ୍ପର୍କରେ ପୂର୍ବରୁ ଯଦି କେବେ ଅବଗତ ନ ଥିବେ ହୁଏତ କଳ୍ପନାରେ କିଛି ଭାବିଥାଇପାରନ୍ତି। କିନ୍ତୁ ପ୍ରତ୍ୟକ୍ଷରେ ସେ ସ୍ଥାନକୁ ଗଲେ ଜାଣିପାରିବେ କଳ୍ପନାଠାରୁ ବାସ୍ତବତା କ'ଣ ? ସେହିପରି ଯଦି କହିବା ଫାଲ୍‌ତୁ ହୋଟେଲ ତେବେ କ'ଣ ଭାବିବେ କହିଲେ ! ଐତିହାସିକ କଟକ ସହରର ଯୋବ୍ରା ନିକଟ ମହାନଦୀ କଡ଼, ଦୁର୍ଗାଛକରେ ରହିଛି ଏକ ହୋଟେଲ । ଯାହାର ନାଁ ରହିଛି ଫାଲ୍‌ତୁ ଫ୍ୟାମିଲି ରେସ୍ତୋରାଁ। ଏହି ହୋଟେଲ ସମ୍ପର୍କରେ ଚନ୍ଦ୍ରମଣି ଗୋଛାୟତ କୁହନ୍ତି, ୨୦୧୮ ଏପ୍ରିଲରେ ଅକ୍ଷୟ ଓ ଅଜୟ ଗୋଛାୟତଙ୍କ ମିଳିତ ସହଯୋଗରେ ଆମେ ଏହି ହୋଟେଲ ଆରମ୍ଭ କଲୁ। ଯେଉଁଠି ହୋଟେଲଟିଏ ହୁଏ ତାର ନାମକରଣକୁ ନେଇ ଅନେକ ଭଲକଥା କୁହନ୍ତି କିନ୍ତୁ ବେଳେବେଳେ କିଛିଓଲଟା କାର୍ଯ୍ୟ ହୋଇପାରେ। ଭଲ ନାଁ କହି ଯଦି ଗରାଖଙ୍କ ମନଲାଖୀ ଖାଦ୍ୟ ନମିଳିବ ବରଂ କୌଉତୁକିଆ ନାମ ହୋଇଥିବ କିନ୍ତୁ ମନଲାଖୀ ସ୍ୱାଦିଷ୍ଟ ଖାଦ୍ୟମିଳିପାରୁଥିବ । ଯେମିତି ଫାଲ୍‌ତୁ ଫ୍ୟାମିଲି ରେସ୍ତୋରାଁ ହେଲେ ଏଠାରେ ଭୋଜନ କଲେ ଜାଣିପାରିବେ ଖାଦ୍ୟର ସ୍ୱାଦ କ'ଣ ରହିଛି । ପ୍ରତିଦିନ ଦିନ ୧୧ରୁ ରାତି ପ୍ରାୟ୧୧ଟା ଯାଏ ଏହି ରେସ୍ତୋରାଁ ଖୋଲା ରହେ। ସର୍ବନିମ୍ନ ୧୦୦ଟଙ୍କାରୁ ଆରମ୍ଭ କରି ଅଢେଇ ହଜାର ଟଙ୍କା ଯାଏ ଥାଳିର ଦାମ୍ ରହିଛି। ଡ୍ରାଏଚିଙ୍ଗୁଡ଼ି, ଆଫିଗାନ ଚିକେନ, ଗ୍ରିନଭାପା, ମଟନ, ପଲାଉ , କାଙ୍ଗଡ଼ା ବିରିୟାନି, ଆଦି ବିଭିନ୍ନ ପ୍ରକାର ଦେଶୀ ବିଦେଶୀ ଖାଦ୍ୟ ମିଳିଥାଏ। ପ୍ରତିଦିନ ଏଠାରୁ ଅନ୍‌ଲାଇନରେ ୨୫୦ରୁ ୩୦୦ଜଣଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ରହିଛି। ଦୈନିକ ଶତାଧିକ ଗରାଖ ଭୋଜନ କରିବାକୁ ଆସିଥାନ୍ତି। ଏପରି କୌତୁକିଆ ନାମରେ ଅନେକ ସ୍ଥାନରେ ବିଭିନ୍ନ ହୋଟେଲ ରହିଛି । ଯଥା- ବାପପୁଅ ମିଠାଦୋକାନ, ମାଙ୍କ ପୁଅ ମିଠାଦୋକାନ, ଦାଦାପୁତୁରା, ଭାଇଭାଇ, ଶଳାଭିଣୋଇ, ଗାଲୁଆ, ହୋଟେଲ ହାଣ୍ଡିଶାଳ, ଶାଶୁବୁଢୀ ଇତ୍ୟାଦି । ଏପରି ହୋଟେଲର ନାମକୁ ନେଇ ଯେକେହି ବି ଟିକେ ହସିପାରନ୍ତି କିମ୍ବା ଚକିତ ହୋଇପାରନ୍ତି।

**-ବନବିହାରୀ ବେହେରା**
ଫଟୋ:**କୁମାର ଶରତ**















# ପଥରରେ ଫୁଟୁଛି ଶାନ୍ତିର ସ୍ୱପ୍ନ





ଶିଳ୍ପୀ କେବଳ ନିଜ ପାଇଁ ସ୍ୱପ୍ନ ଦେଖେନି, ସେ ବିଶ୍ୱବାସୀଙ୍କୁ ନେଇ ସ୍ୱପ୍ନ ଦେଖେ। ସେମିତି ଜଣେ ଶିଳ୍ପୀ ହେଉଛନ୍ତି ବାଲେଶ୍ୱର ଜିଲାର ବ୍ରଜକିଶୋର ଜେନା। ପଥରରେ ଶାନ୍ତିର ସ୍ୱପ୍ନ ଫୁଟାଉଥିବା ଏହି ଶିଳ୍ପୀ କେବଳ ସେତିକିରେ ସନ୍ତୁଷ୍ଟ ନୁହନ୍ତି, ଅଧିକନ୍ତୁ ସେ କାବ୍ୟ କବିତା ମଧ୍ୟ ରଚନା କରନ୍ତି।

**ଜନ୍ମ ଓ ଜୀବନ:** କୁଲଡିହା ଅଭୟାରଣ୍ୟ ଦେବଗିରି ପାହାଡ଼ ପାଦଦେଶର ଗୋହିରାପଦା ଗାଁରେ ବ୍ରଜ କିଶୋର ଜେନାଙ୍କ ଜନ୍ମ। ଦାରିଦ୍ର୍ୟର ତାଡନାରୁ ବାର୍ଷିକ ୭ ଟଙ୍କା ଫି' ଦେଇ ନ ପାରି ଷଷ୍ଠଶ୍ରେଣୀରୁ ପାଠରେ ଡୋରି ବାନ୍ଧିଥିଲେ। ହେଲେ ପିଲାଟି ଦିନରୁ ଚିତ୍ରାଙ୍କନ ପ୍ରତି ତାଙ୍କର ଆଗ୍ରହ ରହିଥିଲା। ଦାରିଦ୍ର୍ୟ ତାଙ୍କ କଳାପ୍ରାଣକୁ ଶିଥିଳ କରିପାରି ନ ଥିଲା। ସେ ପ୍ରଥମେ ମାଟିରେ ଗଣେଶ, ସରସ୍ୱତୀ ଆଦି ମୂର୍ତ୍ତି ତିଆରି କରୁଥିଲେ। ତାହାକୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମାଗଣାରେ ଦେଉଥିଲେ। ଗାଁ ଗହଳିରେ ଗୋଟେ ଅନ୍ଧବିଶ୍ୱାସ ରହିଛି। ମୂର୍ତ୍ତି ଗଢୁଥିବା କାରିଗରର ବଂଶ ରହେନା। ସେ ନିଃସନ୍ତାନ ହୋଇଯାଏ। ସେଥିପାଇଁ ମା'ବାପା ମୂର୍ତ୍ତିକାମ କରିବାକୁ ମନା କରିଦେଲେ। ପରିବାର ପକ୍ଷରୁ ପ୍ରଚଣ୍ଡ ବିରୋଧର ସାମ୍ନା କରିବାକୁ ପଡ଼ିଲା। ହେଲେ ତାଙ୍କର ମନ ଏ ସାମାଜିକ ଅନ୍ଧବିଶ୍ୱାସକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲା। ସେଥିଲାଗି ସମସ୍ତେ ଶୋଇଯିବା ପରେ ସେ ରାତିରେ ଲୁଚିଲୁଚି ମୂର୍ତ୍ତି ଗଢ଼ିଲେ। ତାଙ୍କର ସର୍ବପ୍ରଥମ ସଫଳ କୃତି ଥିଲା ପଥରରେ ତିଆରି ଏକ ଲକ୍ଷ୍ମୀନାରାୟଣ ମୂର୍ତ୍ତି। ଏହାର ଉଚ୍ଚତା ଥିଲା ଏକ ଫୁଟ୍। ଏହାକୁ ଗଢ଼ିବା ପାଇଁ ତାଙ୍କୁ ଲାଗିଥିଲା ୨୨ଦିନ। ଏଥିପାଇଁ ସେ ପାରିଶ୍ରମିକ ଭାବରେ ପାଇଥିଲେ ୧୦ଟଙ୍କା। ଏହାକୁ ନେଇ ସେ ବାପାଙ୍କ ହାତରେ ଧରେଇ ଦେଇଥିଲେ। ବାପାଙ୍କର ମନ ବଦଳିଥିଲା। ଆଉ ସେ ତାଙ୍କୁ ପଥର ମୂର୍ତ୍ତି ଗଢ଼ିବାକୁ ଅନୁମତି ଦେଇଥିଲେ। ବାସ୍, ଆଉ ପଛକୁ ଫେରି ଚାହିଁନାହାନ୍ତି ଶିଳ୍ପୀ।

**ଯୁଦ୍ଧ ନୁହେଁ ଶାନ୍ତି ଲୋଡ଼ା :** ମଣିଷ ଯେତିକି ଆଗକୁ ଯାଉଛି ସେତିକି ପଛକୁ ଫେରୁଛି। ଆଧୁନିକ ମଣିଷର ସବୁଠୁ ଶ୍ରେଷ୍ଠ ଉଦ୍ଭାବନ ପରମାଣୁ। ସେହି ପରମାଣୁ ସମାଜ ପାଇଁ ଯେତିକି ହିତ କରିଛି ତା'ଠୁଁ ଅଧିକ କ୍ଷତିର କାରଣ ପାଲଟିଛି। ହିରୋସୀମା ଓ ନାଗାସାକୀ ହେଉଛି ତାହାର ଏକ ନଗ୍ନ ଉଦାହରଣ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପ୍ରୟୋଗ କରାଯାଇଥିବା ପରମାଣୁ ବୋମାର ପ୍ରଭାବ ୭୪ ବର୍ଷ ପରେ ବି ହ୍ରାସ ପାଇନାହିଁ। ଏବେ ତ ସବୁ ଦେଶ ନିକଟରେ ପରମାଣୁ ଅସ୍ତ୍ର। ଆଉଥରେ ଯୁଦ୍ଧ ହେଲେ ବିଶ୍ୱ ଧ୍ୱଂସ ହେବା ନିଶ୍ଚିତ। ତେଣୁ ଆଗାମୀ ଦିନରେ ଯୁଦ୍ଧ ନ ହେଉ ବୋଲି କାମନା କରି ଶିଳ୍ପୀ ବ୍ରଜକିଶୋର ପଥରରେ ଗଢ଼ିଛନ୍ତି କଳାକୃତି। ତାଙ୍କ କଳାକୃତିରେ ଫୁଟି ଉଠିଛି ପରମାଣୁ ଯୁଦ୍ଧ ବିଭୀଷିକାର କରୁଣ ପରିଣତି। ଏହି କଳାକୃତିକୁ ସେ ରାଷ୍ଟ୍ରପତିଙ୍କୁ ଉପହାର ଦେବା ସହିତ ଆମେରିକା, ରୁଷ, ଚାଇନା ଓ ଉତ୍ତରକୋରିଆ ଆଦି ଦେଶକୁ ପଠେଇ ବିଶ୍ୱଶାନ୍ତିର କାମନା କରିବେ ବୋଲି ସ୍ୱପ୍ନ ରଖିଛନ୍ତି।

**ତିନିମାଙ୍କଡ଼ ଓ ଗାନ୍ଧୀ :** ଗାନ୍ଧୀଙ୍କର ତିନିମାଙ୍କଡ଼। ଜଣେ ଖରାପ କଥା କହିବନି। ଜଣେ ଖରାପ କଥା ଦେଖିବନି। ଆଉ ଜଣେ ଖରାପ କଥା ଶୁଣିବନି। ମାତ୍ର ଗାନ୍ଧୀଙ୍କ ସ୍ୱପ୍ନ ସତ ହୋଇନି। ତିନିମାଙ୍କଡ଼ ମୂର୍ତ୍ତି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଛି। କାରଣ ଏବେ ସମସ୍ତେ ଖରାପ କଥା କହୁଛନ୍ତି, ଦେଖୁଛନ୍ତି ଆଉ ଶୁଣୁଛନ୍ତି ତଥା କରୁଛନ୍ତି ମଧ୍ୟ। ସେଥିଲାଗି ଗାନ୍ଧୀ ବ୍ୟଥିତ। ସେ ତାଙ୍କର ଭାଙ୍ଗି ଯାଇଥିବା ତିନି ମାଙ୍କଡ଼ ମୂର୍ତ୍ତିକୁ ପୁଣିଥରେ ଯୋଡ଼ିବାକୁ ଚେଷ୍ଟା କରୁଛନ୍ତି। ଏଭଳି ଏକ ଥିମ୍‌କୁ ଆଧାର କରି ଶିଳ୍ପୀ ଗଢ଼ିଛନ୍ତି ଗାନ୍ଧୀଙ୍କର ସୁନ୍ଦର କାରୁକାର୍ଯ୍ୟ।

**ବହୁମୁଖୀ ପ୍ରତିଭା :** ଶିଳ୍ପୀଙ୍କ ପାଇଁ କଳା ହେଉଛି ଏକ ନିଶା। ଅବଶ୍ୟ ଏଥିରୁ କିଛି ରୋଜଗାର ହେଉଛି। ହେଲେ ସେଥିପ୍ରତି ତାଙ୍କର ନିଘା ନାହିଁ। ଓଲଟି ସେ ଆଗ୍ରହୀ ଛାତ୍ରମାନଙ୍କୁ ମାଗଣାରେ ଶିକ୍ଷା ଦେଇ ପଥରକଳାକୁ ପିଢ଼ି ପରେ ପିଢ଼ି ଆଗେଇନେବାକୁ ଚେଷ୍ଟା କରୁଛନ୍ତି। ଜୀବନ୍ତ ପ୍ରତିମୂର୍ତ୍ତି ତିଆରି କରିବାରେ ଶିଳ୍ପୀ ବେଶ୍ ଉସ୍ତାଦ । ଶିଳ୍ପୀ ବ୍ରଜକିଶୋର ଜେନା ବହୁମୁଖୀ ପ୍ରତିଭାର ଅଧିକାରୀ। ସେ କେବଳ ପଥରରେ କାରୁକାର୍ଯ୍ୟ କରନ୍ତିନି। ଅଧିକନ୍ତୁ ବହୁ କାବ୍ୟ କବିତା ମଧ୍ୟ ରଚନା କରିଛନ୍ତି। ତାଙ୍କ ଦ୍ୱାରା ରଚିତ ପାଣ୍ଡୁଲିପିଗୁଡ଼ିକ ହେଉଛି ଭ୍ରଷ୍ଟାଚାର, ଅପୂର୍ବ ମିଳନ, ପାଦପ ବିଳାପ, ଷଷ୍ଠ ଋତୁ ଏବଂ ଆହୁରି ଅନେକ।

**ଶିଳ୍ପ, ସଂସ୍କୃତି ଓ କଳାକୃତି:** ଏହା ହେଉଛି ଶିଳ୍ପୀ ବ୍ରଜକିଶୋରଙ୍କ ସ୍ୱପ୍ନ। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ଆଗ୍ରହୀ ଯୁବକଙ୍କୁ ମାଗଣାରେ ପଥର କାମର ଶିକ୍ଷା ଦେଉଛନ୍ତି। ୧୯୮୫ରେ ସେ କାରିଗରମାନଙ୍କୁ ନେଇ ସୋରର ଉତ୍ତରେଶ୍ୱର ଠାରେ ପ୍ରତିଷ୍ଠା କରିଛନ୍ତି ଲକ୍ଷ୍ମୀ–ନାରାୟଣ ସମବାୟ ସମିତି। ତାଙ୍କର ଶତାଧିକ ଛାତ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିସାରିଲେଣି। ଏହାକୁ ସେ ନିଜର ସବୁଠୁ ବଡ଼ ସଫଳତା ବୋଲି ଜ୍ଞାନ କରନ୍ତି।

**– ସନାତନ ମହାନ୍ତି**







# ଘାରିଛି ସୋସିଆଲ ମିଡିଆ ନିଶା

**ମ୍ୟା**ରେଜ ପରେ ପ୍ରିୟଙ୍କା ଚୋପ୍ରାଙ୍କୁ ଏବେ ସୋସିଆଲ ମିଡିଆ ନିଶା ଘାରିଛି। ପତିଦେବ ନିକ୍ ଜୋନାସ୍‌ଙ୍କ ସହ ବୁଲାବୁଲି ଚାଲିଛି। ତା'ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ଭୁଲୁ ନାହାନ୍ତି। ଏ ବିଷୟରେ ସେ କହନ୍ତି, 'ଗତ କିଛିମାସ ହେଲା ମୁଁ ସୋସିଆଲ ମିଡିଆରେ ସାଙ୍ଗମାନଙ୍କ ସହ ଟଚ୍‌ରେ ନ ଥିଲି। ସେମାନଙ୍କ ସହ ଯୋଗାଯୋଗ ରଖିବାର ଏକ ପ୍ରମୁଖ ମାଧ୍ୟମ ହେଲା ସୋସିଆଲ ମିଡିଆ। ମୋ ଫଟୋ ଦେଖି ସେମାନେ ଯେଉଁ କମେଣ୍ଟ ଦେଉଛନ୍ତି ତାକୁ ଦେଖି ସେମାନଙ୍କୁ କିପରି ପ୍ରଶଂସା କରିବି ଜାଣିପାରୁନାହିଁ। ହେଲେ ସେମାନଙ୍କ ପାଇଁ ମୋର ବେଷ୍ଟ ୱିସେସ୍ ସବୁବେଳେ ରହିଛି।'



ପ୍ରିୟଙ୍କା



କାଜଲ

# କାଜଲ ଯାହା ଚାହୁଁଥିଲେ..

**ବି**ଶିଷ୍ଟ ଅଭିନେତା କମଲ ହାସନଙ୍କ ସହ ଅଭିନୟ କରିବା କ'ଣ ଛୋଟିଆ କଥା! ଏଭଳି ସୁଯୋଗ ଭାଗ୍ୟରେ ଥିଲେ ମିଳେ। ସେପରି ସୁଯୋଗ ପାଇବା ପରେ କାଜଲ ଅଗ୍ରୱାଲଙ୍କ ଗୋଡ଼ ଆଉ ତଳେ ଲାଗୁନି। ପୁଣି ଜାଣନ୍ତି, ପ୍ରଥମ ଥର ପାଇଁ କମଲଙ୍କ ସହ ସେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ତାଙ୍କୁ ଏ ନେଇ ଯୋଗାଯୋଗ କରାଗଲା, ସେ ଆଖିବୁଜି ହଁ ଭରିଥିଲେ। ଫିଲ୍ମଟିର ଟାଇଟଲ ରହିଛି 'ଇଣ୍ଡିଆନ୍-୨'। ଏହି ତାମିଲ ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏ ବିଷୟରେ କାଜଲ କହନ୍ତି, 'ଏଭଳି ଏକ ସୁଯୋଗକୁ ମୁଁ କେବେଠାରୁ ଅପେକ୍ଷା କରିଥିଲି। କମଲ ସାର୍‌ଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବା ଛୋଟିଆ କଥା ନୁହେଁ। ଅଭିନୟ ବିଷୟରେ ତାଙ୍କଠାରୁ ଅନେକ କଥା ଶିଖିବାର ଅଛି। ମୋ ଅଭିନୟ କ୍ୟାରିୟରରେ ଏହା ଏକ ସୁବର୍ଣ୍ଣ ମୁହୂର୍ତ୍ତ ବୋଲି କହିବି।' ତେବେ କମଲ-କାଜଲଙ୍କ ଯୋଡ଼ି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# କ୍ଷଣକୋପି ରଣବୀର

**ବା**ପ୍‌ରେ, କି ରାଗ! ଜଣଙ୍କୁ ଦେଖୁ ଦେଖୁ ସେ ଏମିତି ରାଗିଗଲେ ଯେ ତାହା ଦେଖି ଉପସ୍ଥିତ ଗେଷ୍ଟ ଆଶ୍ଚର୍ଯ୍ୟ ହୋଇଗଲେ। କଥା କ'ଣ କି, ନିକଟରେ ଏକ ଫ୍ୟାମିଲି ପ୍ରୋଗ୍ରାମରେ ଯୋଗଦେଇଥିଲେ ରଣବୀର କପୁର। ସେଠାରେ ପହଞ୍ଚିବା ପରେ ସାଙ୍ଗସାଥୀଙ୍କ ସହ ଗପରେ ନିଜକୁ ହଜାଇ ଦେଇଥାଆନ୍ତି। କିଛି ସମୟ ପରେ ସେଠାରେ ପହଞ୍ଚିଗଲେ ବରୁଣ ଧାୱନ। ତାଙ୍କୁ ଦେଖିବା ମାତ୍ରେ ସାଙ୍ଗେ ସାଙ୍ଗେ ତାଙ୍କର ମୁଡ୍ ଅଫ୍ ହୋଇଗଲା। ସେପଟେ ରଣବୀରଙ୍କୁ ଦେଖି ତାଙ୍କ ସହ ହ୍ୟାଣ୍ଡସେକ୍ କରିବାକୁ ଆଗେଇ ଆସିଲେ ବରୁଣ। ହେଲେ ସେତେବେଳକୁ ରଣବୀର ଏତେ ରାଗିଯାଇଥିଲେ ଯେ ହାତ ମିଳାଇବେ କ'ଣ, କିଛି ନ କହି ସିଧା ବାହାରକୁ ବାହାରିଗଲେ। କେବଳ ସେତିକି ନୁହେଁ, ଗଲେ ତ ଗଲେ ଆଉ ପ୍ରୋଗ୍ରାମକୁ ନ ଫେରି ସିଧା ଘରମୁହାଁ ହୋଇଥିଲେ। ହେଲେ ରଣବୀର-ବରୁଣଙ୍କ ଭିତରେ କେଉଁ ପ୍ରକାର କୋଲ୍ଡ ୱାର୍ ଚାଲିଛି ତାହା ଦୁହିଙ୍କୁ ହିଁ ଜଣା।



ରଣବୀର



# ଧରିତ୍ରୀ ୨୦୧୯

## ଜାନୁୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ଫେବୃୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଏପ୍ରିଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

୨୬.୧ : ସାଧାରଣତନ୍ତ୍ର ଦିବସ, ୧୦.୨ : ଶ୍ରୀପଞ୍ଚମୀ, ୪.୩ : ମହାଶିବରାତ୍ରି, ୨୨.୩ : ହୋଲି, ୧୪.୪ : ମହାବିଷୁବ ସଂକ୍ରାନ୍ତି, ୧୫.୬ : ରଜ ସଂକ୍ରାନ୍ତି,
୪.୭ : ରଥଯାତ୍ରା, ୧୫.୮ : ସ୍ୱାଧୀନତା ଦିବସ, ୧୩.୮ : ଇଦ୍-ଉଲ୍-ଜୁହା, ୨.୯ : ଗଣେଶ ପୂଜା, ୮.୧୦ : ଦଶହରା, ୨୭.୧୦ : ଦୀପାବଳି, ୨୫.୧୨ : ଖ୍ରୀଷ୍ଟମାସ

ମଡେଲ: ଗୋଲ୍ଡି–ରଶ୍ମିତା, ଫଟୋ ସୌଜନ୍ୟ: କୁମାର ଶରତ

# ଅଲଣା ପ୍ରେମକୁ କ୍ଷଣିକ ମଜା, ମନକୁ ମନ ରାଇଜ ରଜା

**ପ୍ରଶ୍ନ–**ଆଜିକାଲି କେତେକ ଯୁବପିଢ଼ି ଏମିତି ପ୍ରେମରେ ପଡୁଛନ୍ତି ଯେ ସେଥିରୁ ସଫଳତା ମିଳୁନାହିଁ। ହେଲେ ସେମାନେ ସେଥିରୁ କି ମଜା ପାଉଛନ୍ତି ଯେ ସେହି ପଥକୁ ଆଉ କେତେକ ଯୁବପିଢ଼ି ଅନୁସରଣ କରୁଛନ୍ତି?

*–ଅଜୟ ବାରିକ, ଯାଜପୁର*

**ଉତ୍ତର:** ଅସଲ ପ୍ରେମରେ ଯେଉଁ ମଜା ଥାଏ, କ୍ଷଣିକ ପ୍ରେମରେ ତାହା ନ ଥାଏ। ସେପରି ପ୍ରେମ ସିନା ମନକୁ କ୍ଷଣିକ ଆନନ୍ଦ ଦିଏ ହେଲେ ସେଥିରୁ ସୁଫଳ ଆଶା କରିବା ବୃଥା। ‘ଅଲଣା ପ୍ରେମକୁ କ୍ଷଣିକ ମଜା, ମନକୁ ମନ ରାଇଜ ରଜା।’ ତେଣୁ ସେଭଳି ମାନସିକତାର ପରିବର୍ତ୍ତନ ନ କଲେ ତାହା ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ପରି ହୋଇଥାଏ।

**ପ୍ରଶ୍ନ–**ଜଣେ ଝିଅ ପ୍ରକୃତରେ ମୋତେ ପ୍ରେମ କରୁଛି ବୋଲି କେତେବେଳେ ଜାଣିବି ?

*–ତପନ କୁମାର, ସୋନପୁର*

**ଉତ୍ତର:** ଆପଣ ଥରେ ସେ ଝିଅ ଆଖିରେ ଆଖି ମିଳାନ୍ତୁ। ଯଦି ତା’ ଆଖିରେ ପ୍ରେମର ପରିଭାଷାକୁ ଠିକ୍ ଭାବରେ ପଢ଼ିପାରିଲେ ତେବେ ଜାଣିବେ ଯେ ଆପଣଙ୍କ ରାସ୍ତା ପୂରା କ୍ଲିୟର। ଯଦି ମନରେ ମନ ମିଶିଗଲା ତେବେ ସେଥିରୁ ଯେଉଁ ପ୍ରେମ ସୃଷ୍ଟି ହୁଏ, ସେଥିରେ ଆଦୌ ଆବିଳତା ନ ଥାଏ। ବାସ୍, ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ, ଦେଖିବେ ଆପଣଙ୍କ ଉତ୍ତର ଆପେ ଆପେ ପାଇଯିବେ।

**ପ୍ରଶ୍ନ–**ମୁଁ ମୋ ସାଙ୍ଗ କଥାରେ ପଡ଼ି ଜଣେ ଝିଅକୁ ଭଲ ପାଇଲି। ହେଲେ ଏବେ ଜାଣୁଛି ଯେ ସେ ଝିଅକୁ ମୋ ସାଙ୍ଗ ଭଲ ପାଉଛି। କ’ଣ କରିବି?

*–ରୁଦ୍ର ରାଉତ, ପୁରୀ*

**ଉତ୍ତର:** ସତରେ ଏହା ‘ସୋ ବ୍ୟାଡ୍’। ସାଙ୍ଗ କଥାରେ ପଡି ତାକୁ ଶତପ୍ରତିଶତ ବିଶ୍ୱାସ କରି ଆପଣ ସେହି ଝିଅକୁ ପ୍ରେମ କରୁଛନ୍ତି। ହେଲେ ଏବେ ଯେଉଁ କଥା ଜାଣିପାରିଲେ ତାହା ଆପଣଙ୍କ ମନକୁ କେବଳ ବର୍ତ୍ତମାନ ନୁହେଁ ଆଗକୁ ମଧ୍ୟ ଆନ୍ଦୋଳିତ କରିବ। ତେଣୁ ଡେରି ନ କରି ସେଭଳି ପ୍ରେମରେ ପୂର୍ଣ୍ଣଛେଦ ପକାଇଦେଲେ କ୍ଷତି କ’ଣ? ବଲ୍ ଆପଣଙ୍କ କୋର୍ଟରେ ଅଛି, ଆପଣ ଚାହିଁଲେ ଯେମିତି ଖେଳିବେ। ହେଲେ ଏମିତି ଖେଳନ୍ତୁ, ଯାହାଦ୍ୱାରା ଆପଣଙ୍କ ଭବିଷ୍ୟତ ପ୍ରଭାବିତ ନ ହୁଏ।

**ପ୍ରଶ୍ନ–**ପ୍ରେମିକା ଯାହା କହେ ତାକୁ ସବୁ ପ୍ରେମିକ ଚିନ୍ତା ନ କରି ଗ୍ରହଣ କରିଥାଆନ୍ତି। କାହିଁକି?

*–ଜନ୍ମେଜୟ ରଥ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମିକା କଥାକୁ ଯଦି ପ୍ରେମିକ ଥରେ ଏଡାଇ ଦେଲା ତେବେ ପରିଣାମ କ’ଣ ହେବ ଥରେ ଚିନ୍ତା କରନ୍ତୁ। ଯଦି ଏହାକୁ ନେଇ ପ୍ରେମ ଗୋଳିଆଘଣ୍ଟା ହୋଇଗଲା ତେବେ ସବୁ ଶେଷ। ହେଲେ ପ୍ରେମିକାର ପ୍ରତିଟି କଥାରେ ହଁ ମାରିବା ପୂର୍ବରୁ ଟିକେ ଚିନ୍ତା କଲେ କ୍ଷତି କ’ଣ? ସବୁ କଥାରେ ଯଦି ଆଖିବୁଜି ରାଜି ହୋଇଗଲେ ହୁଏତ ସମୟ ଆସିବ ସେ ଆପଣଙ୍କୁ ଏହି କଥା ଆଳରେ ବ୍ଲାକ୍‌ମେଲିଂ କରିବାକୁ ପଛାଇ ନ ପାରେ। ତେଣୁ ଏସବୁ କଥାରେ ସତର୍କତାର ସହ ଏମିତି ଆଗାନ୍ତୁ, ଯେମିତି ସାପ ମରିବ ହେଲେ ବାଡ଼ି ଭାଙ୍ଗିବନି। କାରଣ ତାହା ହିଁ ଜଣେ ବିଜ୍ଞ ପ୍ରେମିକର ପରିଚୟ।

ସାଥୀ



## ପ୍ରଥମ ରୋଜଗାର



# ପ୍ରଥମ ଦରମା ବୋଉକୁ ଦେଇଥିଲି

ସାଉଣ୍ଡ ଇଞ୍ଜିନିୟର ତଥା ଅଭିନେତା **ସଞ୍ଜୟ ମହାରଣା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଢେଙ୍କାନାଳ ଜିଲା ସଦର ବ୍ଲକ ଅନ୍ତର୍ଗତ ବାରଦା ଗ୍ରାମରେ ମୋର ଜନ୍ମ। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ମାଟ୍ରିକ୍ ପାସ୍ କରିବା ପରେ ଢେଙ୍କାନାଳ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ପଢ଼ିଥିଲି। ଅଭିନୟ ଦିଗରେ ଆଗ୍ରହ ବଢ଼ିବାରୁ ଭୁବନେଶ୍ୱର ଆସି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆକ୍ଟିଂ କୋର୍ସ କରିବାକୁ ଇଚ୍ଛା କଲି। ସେ ସମୟରେ ଅଭିନେତା ବିଜୟ ମହାନ୍ତି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟାପକ ଥା’ନ୍ତି। ସେ ମୋତେ କହିଲେ, ତୁମେ ତ ସ୍ନାତକ ପଢ଼ା ସାରିଛ। ଏଠି ପଢ଼ିଲେ ପୁଣି ତୁମକୁ ଯୁକ୍ତ ଦୁଇରୁ ପଢିବାକୁ ପଡ଼ିବ। ଅଯଥା ସମୟ କାହିଁକି ନଷ୍ଟ କରିବ ବରଂ ଟେକ୍ନିକାଲ୍ ଲାଇନ୍‌ରେ ଯାଅ, ସେଠି ତୁମେ ନୂଆ କିଛି ଶିଖିବା ସହ ଅଭିନୟର ସୁଯୋଗ ବି ପାଇପାରିବ। ଶେଷରେ ତାଙ୍କରି କଥା ଅନୁସାରେ, କଟକସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ରେ ଡିପ୍ଲୋମା ଇନ୍ ସାଉଣ୍ଡ ଆଣ୍ଡ ଟିଭି ଇଞ୍ଜିନିୟରିଂ ପଢିଲି। ଏହି ପଢା ଭିତରେ ହିଁ ଆମେ କେତେଜଣ ସାଙ୍ଗ ପ୍ରଥମ କରି ଏକ ଚଳଚ୍ଚିତ୍ର ‘ଆ’ ଜହ୍ନରେ ଲେଖିବା ନାଁ’ ପାଇଁ ଲୋକେଶନ ସାଉଣ୍ଡ ରେକର୍ଡିଂର କାମ କରିବାର ସୁଯୋଗ ପାଇଥିଲୁ। ସେଥିରୁ ଅଳ୍ପ କିଛି ରୋଜଗାର ମଧ୍ୟ ହୋଇଥିଲା, ଯାହାକୁ ସାଙ୍ଗମାନେ ମିଶି ନିଜ ନିଜ ଭିତରେ ବାଣ୍ଟି ନେଇଥିଲୁ। ୨୦୦୯ରେ ପଢ଼ାସରିବା ପରେ ପୁଣି ଇଗ୍‌ନୋରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଅଡିଓ ପ୍ରୋଗ୍ରାମ୍ ପ୍ରଡକ୍ସନ କୋର୍ସ କଲି। ଏହି ସମୟରେ କଟକ ଅଲ୍ ଇଣ୍ଡିଆ ରେଡିଓରେ ଆମର ଅଡିଓ ଡିଜିଟାଲାଇଜେଶନର ପ୍ରାକ୍ଟିକାଲ କ୍ଲାସ୍ ହେଉଥିଲା। ଯେହେତୁ କାମ ଜଣାଥିଲା, ତେଣୁ କୋର୍ସ ସରିବା ପରେ ସେଇ ଅଲ୍ ଇଣ୍ଡିଆ ରେଡିଓରେ କଣ୍ଟ୍ରାକ୍‌ଚୁଆଲ୍ ଭାବେ ଅଡିଓ ଡିଜିଟାଲାଇଜେଶନ୍ ଓ ରେକର୍ଡିଂର କାମ ଆରମ୍ଭ କରିଦେଲି। ସେଠାରୁ ମାସିକ ୩୬୦୦ ଟଙ୍କା ପାରିଶ୍ରମିକ ମିଳିଲା। ପ୍ରଥମ ଟଙ୍କା ବୋଉକୁ ନେଇ ଦେଲି। ବୋଉ ସେଥିରେ ଠାକୁରଙ୍କ ପାଖେ ଭୋଗ କରିଥିଲା। ବେଶ୍ କିଛିଦିନ ସେଠାରେ କାମ କରିବା ପରେ କ୍ରମେ ପ୍ରାଇଭେଟ୍ ଷ୍ଟୁଡିଓରେ ଅଡିଓ ରେକର୍ଡିଂର କାମ କଲି, ଯେଉଁଥିରେ ମୋତେ ମୁଖ୍ୟତଃ ସିନେମା ଡବିଂ ଓ ଗୀତ ରେକର୍ଡିଂର କାମ କରିବାକୁ ପଡୁଥିଲା। ସମ୍‌ଥିଙ୍ଗ୍ ସମ୍‌ଥିଙ୍ଗ୍-୨ ଚଳଚ୍ଚିତ୍ରରେ ପ୍ରଥମ କରି ଷ୍ଟୁଡିଓ ସାଉଣ୍ଡ ରେକର୍ଡିଷ୍ଟ ଭାବେ କାମ କରିବା ଆରମ୍ଭ କଲି। ତା’ପରଠୁ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର ପାଇଁ କାମ କରିବାର ସୁଯୋଗ ମିଳିଚାଲିଲା। ୟା’ ଭିତରେ ମେଣ୍ଟାଲ୍, କେହି ଜଣେ ଭଲ ଲାଗେରେ, ହାତ ଧରି ଚାଲୁଥା, ଦ ଲାଇଟ୍ (ତ୍ରିଭାଷୀ ଚଳଚ୍ଚିତ୍ର), ଆଖି ଛୁଉଁଛି ଭଲ ପାଉଛି, ଗପ ହେଲେ ବି ସତ, ବ୍ୟାଚେଲର, ପିଲାଟା ବିଗିଡ଼ିଗଲା, ତୁ ମୋ ଦେହର ଛାଇ ଇତ୍ୟାଦି ଚଳଚ୍ଚିତ୍ରରେ ସାଉଣ୍ଡ ରେକର୍ଡିଷ୍ଟ ଭାବେ କାମ କରିସାରିଲିଣି। ଏହାସହିତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଡବିଂ ଚଳଚ୍ଚିତ୍ର ଏବଂ ୧୫୦ରୁ ଅଧିକ ୟୁଟ୍ୟୁବ୍ ଗୀତ ପାଇଁ ବି ସାଉଣ୍ଡ ରେକର୍ଡିଷ୍ଟର ଦାୟିତ୍ୱ ତୁଲାଇ ସାରିଲିଣି। ସେହିପରି ହାତଗଣତି କେତୋଟି ଧାରାବାହିକରେ ମଧ୍ୟ ସାଉଣ୍ଡ ରେକର୍ଡିଷ୍ଟ ଭାବେ କାର୍ଯ୍ୟ କରିସାରିଲିଣି। ଏମିତି କାମ କରିବା ଭିତରେ ୨୦୧୪ରେ ମୋତେ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ସାଉଣ୍ଡ ଆଣ୍ଡ ଟିଭି ଇଂଜିନିୟରିଂ ବିଭାଗରେ ଗେଷ୍ଟ ଫାକଲ୍ଟି ଭାବେ କାର୍ଯ୍ୟ କରିବାର ସୁଯୋଗ ମିଳିଲା। ଏବେ ବି ଏହି କାର୍ଯ୍ୟରେ ମୁଁ ନିୟୋଜିତ ଅଛି। ସେହିପରି ୨୦୧୫ରେ ଅଭିନୟ କରିବାର ଇଚ୍ଛା ବି ମୋର ପୂରଣ ହୋଇଗଲା। ‘ଲକ୍ଷ୍ମୀ ପ୍ରତିମା’ ନାମକ ଏକ ଧାରାବାହିକରେ ପ୍ରଥମେ ଅଭିନୟ କରିବାର ସୁଯୋଗ ମୋତେ ମିଳିଲା, ଯାହାକି ଡି.ଡି. ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ ହୋଇସାରିଲାଣି। ଏହାସହିତ କେତୋଟି ଭଜନ ଆଲବମ୍‌ରେ ବି ଅଭିନୟ କରିସାରିଲିଣି। ତା’ଛଡ଼ା ୨୦୧୭ରେ ଫାଇନ୍ ଟ୍ୟୁନ୍ ଇନ୍ ନାମରେ ନିଜର ଏକ ଷ୍ଟୁଡିଓ କରି ସାଉଣ୍ଡ ରେକର୍ଡିଷ୍ଟର କାମ ଜାରି ରଖିଛି। ଶେଷରେ କେବଳ ଏତିକି କହିବି-ଭଗବାନ, ମୋ ଗୁରୁ ନିତ୍ୟଶ୍ରୀ ରଞ୍ଜନ ଓ ବୋଉବାପାଙ୍କ ଆଶୀର୍ବାଦ ଯଦି ଏମିତି ମୋ ଉପରେ ରହେ, ତା’ହେଲେ ଭବିଷ୍ୟତରେ ଜଣେ ନାମକରା ସାଉଣ୍ଡ ଇଂଜିନିୟର ସହ ଭଲ ଅଭିନେତାଟିଏ ହେବାକୁ ଚେଷ୍ଟା କରିବି।

–ଅସ୍ମିତା



## ଗପ

# ନୂଆବର୍ଷ

– ପ୍ରଦୀପ ନାୟକ

ମୋ ଭାଇର ବୟସ ସେତେବେଳେ ଆଠବର୍ଷ। ଆମ ଚାରି ଭାଇଭଉଣୀଙ୍କ ଭିତରେ ବଡ଼ ସିଏ। ଯେତେବେଳେ ସିଏ ଗୋଟେ ଟେଣ୍ଟପାର୍ଟି ମାଲିକ ପାଖରେ କାମ କରୁଥିଲା, ସେଇ ସମୟର କଥା ; ଯାହା ତା' ଜୀବନର ସ୍ମରଣୀୟ ଓ ସୁଖଦ ଅନୁଭବ ଥିଲା।

ଗୋଟିଏ ଶୀତ ରାତିରେ ମା' ଆମକୁ ସବୁଦିନ ପରି ମୋଟା ହେଁସ ଘୋଡ଼ାଇଦିଏ। ଆମେ ଭାଇଭଉଣୀ ସେଇ ହେଁସ ତଳେ ଏମିତି ନିବିଡ଼ ଭାବରେ ପାଖାପାଖି ଶୋଇଯାଉ, ଉଷୁମ ନେଉ ଯେ କଥାରେ କହି ହୁଏନା। ହଁ, ଏଇ ପାଖାପାଖି ଶୋଇବା ଆମେ ବାବୁଘର ଗ୍ୟାରେଜରେ ଜନ୍ମ ଦେଇଥିବା ବୁଲାକୁକୁରି ପାଞ୍ଚଛ'ଟା ଛୁଆଙ୍କ ଶୋଇବାକୁ ଦେଖି ଶିଖି ନେଇଥାଉ।

ସେଇ ଶୀତରାତିଗୁଡ଼ିକ ଭିତରୁ ଗୋଟିଏ ରାତିର କଥା ଇଏ। ବଡ଼ଭାଇ କହୁଥିଲା, କୌଣସି ଏକ ଦାମୀ ତଥା ଦୁର୍ଲଭ ଭୋଜିରେ ସିଏ ଖାଇବାର ସୁଯୋଗ ପାଇଥିଲା। ଅନେକଗୁଡ଼ିଏ ଅଜଣା ଖାଦ୍ୟର ନାଁ ମଧ୍ୟରୁ କେତେକକୁ ସିଏ ଠିକ୍ ଉଚ୍ଚାରଣ କରି କହିପାରିଲା। ଆଉ କେତେକର ନାଁ ନେଇପାରିଲା ନାହିଁ ପାଟିରେ। କାରଣ ସିଏ ସ୍କୁଲ ନ ଯାଇ ମଧ୍ୟ ଯେତିକି ସଂଖ୍ୟା ଯାଏ ଗଣି ଜାଣିଥିଲା କୁଆଡ଼େ ଭୋଜିରେ ଏତେ ପ୍ରକାର ଖାଦ୍ୟ ପ୍ରସ୍ତୁତ ହୋଇଥିଲା ଯେ, ତା' ଜାଣିଥିବା ସଂଖ୍ୟାଠୁ ଖୁବ୍ ଅଧିକ। ଆଖି ପାଉ ନ ଥିବା ଲମ୍ବା ଟେବୁଲ ଉପରେ ସେଗୁଡ଼ିକ ସଜା ହୋଇଥିଲା। ଅନୁମତି ଥିଲା ଯାହାର ଯାହା ଇଚ୍ଛା ନିଜ ହାତରେ ନେଇ ଖାଇ ପାରିବେ।

ତେବେ ସେ ଯା' ବି ହେଉ, ଭାଇ ଖାଇଥିବା କିଛି ଖାଦ୍ୟର ବିବରଣୀ ସହ ତା'ର ସ୍ୱାଦର ଅନୁଭବକୁ ହେଁସ ତଳ ଅନ୍ଧାର ଓ ପାଖରେ ଶୋଇଥିବା ଆମମାନଙ୍କ ଭିତରେ ବାଣ୍ଟିଥିଲା।

ମୋର ମନେଅଛି ସେ ଏପରି ଗୋଟେଗୋଟେ ଖାଦ୍ୟର ସୁଆଦ ବର୍ଣ୍ଣନା କରୁଥିଲା ଯେ, ଶୁଣୁଶୁଣୁ ସେଇ ରାତିରେ ଦି'ଟା ଲେଖେଁ ରୁଟି ଓ ବାଇଗଣ ପୋଡ଼ା ଖାଇଥିବା ଆମେ ଭାଇଭଉଣୀମାନେ ଭୋକରେ ଆଉଟି ହେଲୁ। ଜିଭ ତଳୁ ନିଗିଡ଼ି ଆସୁଥିବା ଲାଳକୁ ବାରମ୍ବାର ଢୋକିଲୁ। ଏଇ ଅନୁଭବ କହୁଥିବା ଭାଇ ପାଖରେ ଜଡ଼େଇ ହୋଇ ଶୋଇବାକୁ ନିଜ ନିଜ ଭିତରେ ଠେଲାପେଲାର ପ୍ରତିଯୋଗିତା ଆରମ୍ଭ କରିଦେଲୁ।

ଏବେ ମୋତେ ଆଠବର୍ଷ। ଏତେବଡ଼ ହୋଇ ମଧ୍ୟ ଆଜିଯାଏ କୌଣସି ସୁସ୍ୱାଦୁ ଖାଦ୍ୟ କଥା ପଡ଼ିଲେ ମୁଁ ସେଇକଥାଟି ହିଁ କହିଥାଏ।

ଆଜି ବି ସେଇ ଶୀତ ଆଉ ଶୀତରାତି ଆସେ। କିନ୍ତୁ ଜାନୁୟାରୀର ପ୍ରଥମ ଦିନଟା ଯେବେ ସହର ସାରା ନାଚଗୀତ, ଭୋଜି, କକ୍‌ଟେଲ ପାର୍ଟିରେ ମାତିଥାଏ ; ବିଶ୍ୱାସ କରନ୍ତୁ ସେ ଗହଳି ଭିତରୁ ମୋତେ ସେଇ ସ୍ୱାଦର ଅନୁଭବ ଏକଦମ ବାହାରକୁ ମାନେ ଏକାନ୍ତକୁ ନେଇଆସି ମୋ କାନରେ କହିଦିଏ– କହିଲୁ, ଏସବୁ କ'ଣ ତା'ଠାରୁ ସୁଆଦ ?

ମୁଁ ନୂଆବର୍ଷ ଭୋଜିରେ ମାତିଥିବା ରାତିକୁ ଚାହେଁ। ଲାଗେ, ଏ ମସ୍ତି ସରିବାର ନୁହଁ। ଅନ୍ତତଃ ରାତି ଦି'ଟା ପୂର୍ବରୁ ବଳକା ଖାଇବା କିଛି ଏଠୁ ମିଳିବାର ସମ୍ଭାବନା ନାହିଁ। ମୁଁ ମୋର କ୍ୟାଟରିଂ ମାଲିକ ପାଖରେ କାନମୁଣ୍ଡ କୁଣ୍ଡେଇ କହେ– 'ମୋ ଦେହ ଭଲ ଲାଗୁନାହିଁ।'

ଓ ଫେରି ଆସିଥାଏ ମୋ ସୁଖଦ ମୁହୂର୍ତ୍ତର କୋଳକୁ।

– ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା
ମୋ : ୮୯୧୭୩୭୦୨୨୭



# ରାଶିଫଳ

– ବିବିଧ ବିଶ୍ୱ

ଅଧ୍ୟାପକ ସିଦ୍ଧାନ୍ତବାବୁ ନୂଆବର୍ଷ ପୂର୍ବ ସନ୍ଧ୍ୟାରେ ବହି ଦୋକାନରେ ବସି ରାଶିଫଳ ବହି ଖେଳାଉଥିବାର ଦେଖି ତାଙ୍କର ଜଣେ ଛାତ୍ର କୌତୂହଳର ସହ ପଚାରି ପକାଏ ଯେ, ସାର୍, ଆପଣ କ'ଣ ରାଶିଫଳରେ ବିଶ୍ୱାସ କରନ୍ତି ?

ଅଧ୍ୟାପକ ଛାତ୍ରଟିକୁ ଦେଖି ମୁରୁକି ହସିଦେଇ କହିଲେ– 'ନାରେ ବାବା ନା। ଏଗୁଡ଼ାକରେ ମୁଁ ବିଶ୍ୱାସ କରେନି। ତଥାପି କିଣେ ଓ ପଢ଼େ।'

– ଯଦି ବିଶ୍ୱାସ ନାହିଁ ତା'ହେଲେ ଏହା ପଛରେ ପଡ଼ିଛନ୍ତି କାହିଁକି ? ଛାତ୍ରଟି ଏଥର ପ୍ରଶ୍ନ ବଦଳରେ ଅଭିଯୋଗ ଆରମ୍ଭ କରିଦେଲା।

ସାର୍ କହିଲେ– 'ରିଡ଼ିଙ୍ଗ ଫର ପ୍ଲେଜର। ମୁଁ ଖୁସି ପାଇଁ ପଢ଼େ। କାରଣ ମୋତେ ପଢ଼ିବାକୁ ଭଲଲାଗେ।'

ଛାତ୍ରଟିର ମୁହଁକୁ ଦେଖି ସିଦ୍ଧାନ୍ତ ବାବୁ ତା' ମନକଥା ବୁଝି ପାରୁଥିଲେ। ତଥାପି ସ୍ନେହରେ କହିଲେ– 'ବୁଝିଲ ବାବୁ, ଜଣେ ମଣିଷର ସବୁଦିନ ଭଲ ନ ଥାଏ। ଭଲ ସହ ଖରାପ ଦିନ ମଧ୍ୟ ଥାଏ। ଯେଉଁଦିନ ଭଲଥାଏ ତାହା କେତେ ଫଳେ ତା'ର ହିସାବ କିନ୍ତୁ ମୁଁ ରଖେନା ସତ। କିନ୍ତୁ ଯେଉଁଦିନ ମୋ ରାଶିର କିଛି ଖରାପ ବା ବିପଦ ଲେଖାଯାଇଥାଏ ସେଦିନ ମୁଁ ଟିକେ ସତର୍କ ହୋଇଯାଏ। ସେ ରାଶିଫଳର ଭବିଷ୍ୟବାଣୀକୁ ଭୁଲ ପ୍ରମାଣିତ କରିବା ପାଇଁ ମୁଁ ସତର୍କ ହୋଇ ସାବଧାନତାର ସହ ଦିନ କଟାଏ। ସତର୍କତା ହିଁ ସବୁକିଛି। ନିଜ ଭିତରେ ମୁଁ ସବୁବେଳେ ଲଢ଼ିବାକୁ ଭଲପାଏ। ଜୀବନ ରାସ୍ତାରେ ଟିକିଏ ସତର୍କ ହୋଇ ଚାଲିଲେ ଏପରି ଅନେକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରେ।

ପିଲାଟି ଏଥର ଟିକିଏ ଥଟ୍ଟାଇ କହେ– 'ତା'ହେଲେ ଆପଣ ପରୋକ୍ଷରେ ରାଶିଫଳ ଉପରେ ବିଶ୍ୱାସ କରନ୍ତି। କିନ୍ତୁ ମୁହଁରେ ମାନିବାକୁ ନାରାଜ।'

ସିଦ୍ଧାନ୍ତବାବୁ ଆଦୌ ନ ରାଗି ତାକୁ ବୁଝାଇ କୁହନ୍ତି– 'ରାସ୍ତାରେ ବିରାଡ଼ିଟିଏ ବାଟ କାଟି ଚାଲିଗଲେ ମୁଁ ପଛକୁ ଫେରିବା କଥା ନ ଭାବି ଆଗକୁ ଟିକିଏ ସତର୍କ ହୋଇ ବଢ଼େ। ବରଂ ମୁଁ ମନେମନେ ସେଇ ବିଲେଇକୁ ଧନ୍ୟବାଦ ଦିଏ ଯେ ମୋ ଅନ୍ୟମନସ୍କ ମନକୁ ସେ ଟିକିଏ ସଜାଗ କରିଦେଲା। ଫଳରେ ରାସ୍ତାରେ ଟିକିଏ ସତର୍କ ହୋଇଯାଏ।'

– ତା'ହେଲେ ରାଶିଫଳ କ'ଣ ଭୁଲ ? ପିଲାଟି ମନରେ ଥିଲା ଜିଜ୍ଞାସା।

ଅଧ୍ୟାପକ ତା' କଥା ଶୁଣି ହସି କହନ୍ତି– 'ବାବୁ ମନେରଖ, ନିଜେ ଭଲକାମ କର। ମନକୁ ସଫା ରଖ। ଅନ୍ୟର ମଙ୍ଗଳ କାମନା କର। କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କର। ଦେଖିବ ସବୁଦିନ ତୁମର ଖୁସିର ଦିନ ହେବ। ଭଗବାନ ତୁମକୁ ଭଲରେ ରଖିବେ।'

ପିଲାଟି କ'ଣ ବୁଝିଲା କେଜାଣି, ମୁଣ୍ଡ ଟୁଙ୍ଗାରି ହଁ ଭରିଲା। ଆସନ୍ତାକାଲିର ସକାଳକୁ ତା' ଜୀବନରେ ଏକ ନୂତନ ସୂର୍ଯ୍ୟୋଦୟ ଭାବେ ସ୍ୱାଗତ କରିବା ପାଇଁ ସେ ସାହସ ଜୁଟାଉଥିଲା।

– ଜିଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
ମୋ : ୯୧୨୪୦୨୯୯୧୦



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରତୀକ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ**

# ହାଃ ହାଃ

## ଆତ୍ମହତ୍ୟା

**ମଣ୍ଟୁ ଚିଣ୍ଟୁକୁ:** ଆତ୍ମହତ୍ୟା କେତେ ପ୍ରକାରର ତୁ ଜାଣିଛୁ ?
**ଚିଣ୍ଟୁ:** ହଁ, ଦୁଇ ପ୍ରକାରର।
**ମଣ୍ଟୁ:** କ'ଣ କ'ଣ କହିଲୁ।
**ଚିଣ୍ଟୁ:** ପ୍ରଥମ(ସହଜ ଓ ଶୀଘ୍ର) ବେକରେ ରଶି ଲଗାଇ ଫ୍ୟାନ୍‌ରେ ଝୁଲିଯାଅ। ଦ୍ୱିତୀୟ(ଧୀର ଓ କଷ୍ଟଦାୟକ) ବେକରେ ବରମାଳା ପକାଇ ଜୀବନଯାକ ଝୁଲିକି ରହିଥାଅ।

## ଉପହାର

ଦୁଇଜଣ ମହିଳା କଥାବାର୍ତ୍ତା ହେଉଥିଲେ
**ପ୍ରଥମ ମହିଳା:** ଆଜି ମୋ ସ୍ୱାମୀଙ୍କ ଜନ୍ମଦିନ, ତାଙ୍କୁ କ'ଣ ଉପହାର ଦେଲେ ସେ ଖୁସି ହୋଇଯିବେ କହିଲ।
**ଦ୍ୱିତୀୟ ମହିଳା:** ଛାଡ଼ପତ୍ର ଦେଇଦିଅ।

## ବାଡ଼ି

ଜଣେ ବ୍ୟକ୍ତି ଭୟଭୀତ ହୋଇ ପୋଲିସ ଷ୍ଟେଶନକୁ ଆସି କହିଲେ
**ବ୍ୟକ୍ତି:** ଥାନାବାବୁ, ମୋତେ ଆପଣ ଗିରଫ କରି ହାଜତ ଭିତରେ ଭର୍ତ୍ତି କରିଦିଅନ୍ତୁ, କାରଣ ମୁଁ ମୋ ସ୍ତ୍ରୀ ମୁଣ୍ଡକୁ ବାଡ଼ିରେ ବାଡେଇ ଦେଇଛି।
**ଥାନାବାବୁ:** କ'ଣ ହେଲା, ତମ ସ୍ତ୍ରୀ ତା'ହେଲେ ମରିଯାଇଥିବେ ତ ?
**ବ୍ୟକ୍ତି:** ନାଇଁ ବାବୁ, ସେ ମରିନି। ଓଲଟି ସେ ବାଡ଼ି ଧରିକି ମୋତେ ବାଡେଇବାକୁ ଗୋଡ଼େଇଛି।







# ବୃନ୍ଦାବନ ଉଦ୍ୟାନ

**କର୍ନାଟକର ମାଣ୍ଡ୍ୟା ଜିଲାରେ ଥିବା ବୃନ୍ଦାବନ ଉଦ୍ୟାନ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକଙ୍କୁ ଆକର୍ଷିତ କଲାଭଳି ଏଠାରେ ବିଭିନ୍ନ ରଙ୍ଗବେରଙ୍ଗର ଫୁଲଗଛ ସହିତ ମ୍ୟୁଜିକାଲ୍ ଡ୍ୟାନ୍ସିଂ ଫାଉଣ୍ଟେନ୍ ତଥା ବିଭିନ୍ନ ଗୁଳ୍ମରେ ହୋଇଥିବା ଆକର୍ଷଣୀୟ କଳାକୃତି ଇତ୍ୟାଦି ଦେଖିବାକୁ ମିଳିଥାଏ। ଖାସ୍ ସେଇଥିପାଇଁ ତ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ...**



କର୍ନାଟକର ମାଣ୍ଡ୍ୟା ଜିଲା ଅନ୍ତର୍ଗତ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହେଉଛି ବୃନ୍ଦାବନ ଉଦ୍ୟାନ। ଏହା କାବେରୀ ନଦୀ ଉପରେ ଗଢ଼ି ଉଠିଥିବା କୃଷ୍ଣରାଜା ସାଗର ଡ୍ୟାମ୍‌କୁ ଲାଗି ନିର୍ମାଣ ହୋଇଛି। ସୂଚନାନୁଯାୟୀ, ଉକ୍ତ ଉଦ୍ୟାନଟିର ନିର୍ମାଣ କାର୍ଯ୍ୟ ୧୯୨୭ ମସିହାରେ ଆରମ୍ଭ ହୋଇ ୧୯୩୨ରେ ସରିଥିଲା। ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଏଠାରେ ଅନେକ ମନୋରମ ଦୃଶ୍ୟ ଥିବାରୁ ପ୍ରତିବର୍ଷ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏଠାକୁ ବୁଲି ଆସୁଥିବାର ରେକର୍ଡ ରହିଛି।

## ଉଦ୍ୟାନର ପରିସୀମା

ପ୍ରାୟ ୬୦ ଏକର ପରିବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଉଦ୍ୟାନରେ ଜାତିଜାତିକା ଫୁଲଗଛ ଦେଖିବାକୁ ମିଳିଥାଏ। ବିଶେଷକରି ଗେଣ୍ଡୁ ଓ କାଗଜ ଫୁଲର ବିଭିନ୍ନ କିସମ ଏହି ଉଦ୍ୟାନର ଶୋଭାକୁ ଦ୍ୱିଗୁଣିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେହିପରି ଉଦ୍ୟାନ ମଧ୍ୟରେ ଅନେକ ସୁନ୍ଦର ସୁନ୍ଦର ମ୍ୟୁଜିକାଲ୍ ଡ୍ୟାନ୍ସିଂ ଫାଉଣ୍ଟେନ୍ ମଧ୍ୟ ରହିଛି। ଉକ୍ତ ଫାଉଣ୍ଟେନ୍‌ରେ ହୋଇଥିବା ରଙ୍ଗିନ୍ ଆଲୋକମାଳାର ସାଜସଜ୍ଜା ସନ୍ଧ୍ୟା ସମୟରେ ଉଦ୍ୟାନକୁ ଏକ ନିଆରା ଆକର୍ଷଣ ପ୍ରଦାନ କରିଥାଏ। ତା'ଛଡ଼ା ବିଭିନ୍ନ ପ୍ରକାର ଗୁଳ୍ମକୁ କାଟିକାଟି ତହିଁରେ କରାଯାଇଥିବା ଖୁବ୍ ସୁନ୍ଦର ସୁନ୍ଦର କଳାକୃତି ଏଠାକୁ ଆସିଥିବା ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ। କେବଳ ସେତିକି ନୁହେଁ, ବୃନ୍ଦାବନ ଉଦ୍ୟାନକୁ ଲାଗି ପ୍ରାୟ ୭୫ ଏକରର ଏକ ଫଳ ବଗିଚା ଏବଂ ଦୁଇଟି କୃଷି ଉଦ୍ୟାନ ମଧ୍ୟ ରହିଛି। ତନ୍ମଧ୍ୟରୁ ଗୋଟିଏ ହେଉଛି ନାଗବନ ଏବଂ ଅନ୍ୟଟି ଚନ୍ଦ୍ରବନ। ଏସବୁ ବ୍ୟତୀତ ଉଦ୍ୟାନ ମଧ୍ୟରେ ଏକ ହ୍ରଦ ମଧ୍ୟ ଅଛି, ଯେଉଁଥିରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂର ସୁବିଧା ରହିଛି।

## ଉଦ୍ୟାନକୁ ନେଇ କିଛି ଜାଣିବା କଥା

– କୃଷ୍ଣରାଜା ସାଗର ଡ୍ୟାମ୍‌ର ଶୋଭାବର୍ଦ୍ଧନ ପାଇଁ ଏହି ଉଦ୍ୟାନ ନିର୍ମାଣ ହୋଇଥିବା ଅନୁମାନ କରାଯାଏ।

– ପ୍ରଥମେ ଯେତେବେଳେ ଏହି ଉଦ୍ୟାନଟି ଗଢ଼ି ଉଠିଥିଲା, ସେତେବେଳେ ଏଥିରେ କେବଳ ଫୁଲଗଛ ତଥା ଆକର୍ଷଣୀୟ ଆକୃତି ଦିଆଯାଇଥିବା ବିଭିନ୍ନ ଗୁଳ୍ମ ଗଛ ଇତ୍ୟାଦି ଦେଖିବାକୁ ମିଳୁଥିଲା। ହେଲେ ୨୦୦୫ରେ ଉଦ୍ୟାନର ପୁନରୁଦ୍ଧାର କାମ ହୋଇ ଏଥିରେ ମ୍ୟୁଜିକାଲ୍ ଡ୍ୟାନ୍ସିଂ ଫାଉଣ୍ଟେନ୍‌ର ବ୍ୟବସ୍ଥା କରାଗଲା। ସେତେବେଳେ ପ୍ରାୟ ୫କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରେକର୍ଡ ରହିଛି।

– ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ କିଛିଟା ପ୍ରବେଶ ଶୁଳ୍କ ଦେବାକୁ ହୋଇଥାଏ।

## କେବେ ଓ କେମିତି ଯିବେ

ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଉକ୍ତ ଉଦ୍ୟାନଟି ବର୍ଷସାରା ଖୋଲା ରହିଥାଏ ବୋଲି ସୂଚନା ରହିଛି। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ସଡ଼କପଥ, ରେଳପଥ ଓ ଆକାଶପଥରେ ଏଠାକୁ ଯାଇହେବ।






# ମାର୍ଶାଲ ଗାଡ଼ିର ଛାତ

ପୁରୁଣା ଗାଡ଼ିକୁ ସୁନ୍ଦର ଘରର ରୂପ ଦିଆଯାଇଥିବା ସମ୍ପର୍କରେ ଜାଣିଥିବେ। ଲଦାଖରେ ବି ସେମିତି ଏକ ଦୃଶ୍ୟ ନିକଟରେ ଦେଖିବାକୁ ମିଳିଥିଲା। ଯେଉଁଠି ଏକ ପୁରୁଣା ମହିନ୍ଦ୍ରା ମାର୍ଶାଲ ଗାଡ଼ିକୁ ଘରର ଛାତ ଭାବେ ବ୍ୟବହାର କରାଯାଇଥିଲା। ଏହି ଅଭିନବ ଉପାୟକୁ ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା ବି ବେଶ୍ ପସନ୍ଦ କରିଥିଲେ। ଉକ୍ତ ଘରକୁ ତିଆରି କରିଥିଲେ ରିସାଇକେଲିଂ ଉପରେ ବିଶ୍ୱାସ କରୁଥିବା ସୋନମ୍ ୱାଙ୍ଗଚୁକ୍‌ଙ୍କ ହିମାଳୟନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଲ୍ଟରନେଟିଭ୍। ଆଉ ଏହାର ଫଟୋକୁ ଟ୍ୱିଟର୍‌ରେ ବହୁତ ପ୍ରଶଂସା କରାଯାଇଥିଲା। ଏମିତି କି ଆନନ୍ଦ ମହିନ୍ଦ୍ରା ବି। ୱାଙ୍ଗଚୁକ କହନ୍ତି, 'ଉକ୍ତ ମାର୍ଶାଲ ଗାଡ଼ିର ହିମାଳୟନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଲ୍ଟରନେଟିଭ୍ ପାଇଁ ଥିଲା ଅନେକ ଅବଦାନ। ଦୀର୍ଘବର୍ଷ ପର୍ଯ୍ୟନ୍ତ ସେ ସେବା ପ୍ରଦାନ କରିଥିଲା। ହେଲେ ପରେ ଯେବେ ତାହା ବ୍ୟବହାର ଯୋଗ୍ୟ ରହିଲା ନାହିଁ ତାକୁ ଭିନ୍ନ ଏକ ଉପାୟରେ ବ୍ୟବହାର କରିବାକୁ ଯୋଜନା କରିଥିଲୁ। ଆଉ ଏଭଳି ଭାବେ ବ୍ୟବହାର କଲୁ।'

## କାର୍ଟୁନ କର୍ନର



# ସଂଘର୍ଷ ନଥିଲେ ସଫଳତା କାହିଁ!



ମହେଶ ହାଜରା

ପରିବାରର ସବା ସାନ। ବାପା ଦୁର୍ଗାପଦ ଓ ମା’ ଗୀତାରାଣୀଙ୍କର କୋଳପୋଛା ପୁଅ। ଯଦିଓ ମୁଣ୍ଡ ଉପରେ ପାରିବାରିକ ଦାୟିତ୍ୱବୋଧ ନ ଥିଲା ; ତଥାପି ସମସ୍ତଙ୍କର ସ୍ୱପ୍ନ ଥିଲା ତାଙ୍କୁ ନେଇ। ବାଲେଶ୍ୱରର ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜର ଗ୍ରାଫିକ୍ସ ବିଭାଗର ଛାତ୍ର ଥିଲେ ମହେଶ। ତେଣୁ ବାପା ଭାବୁଥିଲେ ପୁଅ ଜଣେ ନାଁକରା ଗ୍ରାଫିକ୍ସ ଇଞ୍ଜିନିୟର ହେବ। ସୁନାମ ସହିତ ପ୍ରଚୁର ଅର୍ଥ ବି ରୋଜଗାର କରିବ। ମାତ୍ର ଭାଗ୍ୟର ଯୋଜନା ଥିଲା କିଛି ଅଲଗା। ତାଙ୍କର ଘନିଷ୍ଠ ବନ୍ଧୁ ତଥା ମେଣ୍ଟର ରାମଚନ୍ଦ୍ର ମାଝି। ଦିନେ ସେ କହିଲେ ‘ସପ୍ତରଙ୍ଗ ମ୍ୟୁଜିକ୍’ର ଏକ ଆଲବମ୍ ହେଉଛି। ତୁମେ ଅଭିନୟ କରିବ ? ହଁ ମାରିଦେଲେ ମହେଶ। ଆଉ ଅଭିନୟ ବି କଲେ। ବାସ୍, ସେହି ଅଭିନୟ ତାଙ୍କ ମନକୁ କିଣିନେଲା। ତା’ପରେ ବାଲେଶ୍ୱର ନୁହେଁ, କଟକ ତାଙ୍କ ପାଇଁ ପାଲଟିଗଲା ସ୍ୱପ୍ନର ସହର। କାରଣ ସେତେବେଳେ କଟକ ହିଁ ଥିଲା ଫିଲ୍ମ, ସିରିଏଲ ତଥା ସଂଗୀତ ଆଲ୍‌ବମ ପ୍ରସ୍ତୁତିର ଏକ୍ସୁଡ଼ିଶାଳ।

– ଅଗତ୍ୟା କଟକ ଚାଲିଆସିଲେ ମହେଶ। କଟକରେ ଆରମ୍ଭ ହେଲା ତାଙ୍କର ଅସଲ ଷ୍ଟ୍ରଗଲ୍। ବର୍ଷେ ନୁହେଁ କି ଅଧେ ନୁହେଁ ; ଦୀର୍ଘ ଚାରିବର୍ଷ। ଶହେରୁ ଊର୍ଦ୍ଧ୍ୱ ସଫଳ ଆଧୁନିକ ଗୀତରେ ବେନାମୀ ନିର୍ଦ୍ଦେଶକ ସାଜି ନିର୍ଦ୍ଦେଶନା ଦେଲେ। ବିଭିନ୍ନ ନିର୍ଦ୍ଦେଶକଙ୍କ ଆସିଷ୍ଟାଣ୍ଟ ସାଜିଲେ। ଯେଉଁ ସ୍ୱପ୍ନକୁ ପୂରା କରିବା ପାଇଁ ସେ ବାଲେଶ୍ୱର ଛାଡ଼ି କଟକ ଆସିଥିଲେ, ତାହା ଧୀରେଧୀରେ ପୂରଣ ହେଲା – ଏ କଥା ସତ। ହେଲେ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠିଲା। ଘରୁ ଆଉ ଆଗଭଳି ଟଙ୍କା ଆସୁ ନ ଥିଲା। (ଆଲବମ୍, ସିରିଏଲ୍‌ରେ ମାତିଥିବା ଜଣେ ପିଲା ପଛରେ କିଏ ବା କାହିଁକି ପଇସା ଉଡ଼ାନ୍ତା!) ଲୋକମାନେ କାମ କରାଉଥିଲେ। ମାତ୍ର ଟଙ୍କା ଦଉ ନ ଥିଲେ। ସ୍ୱାଧୀନ ଭାବରେ ମଧ୍ୟ ତାଙ୍କୁ କୌଣସି କାମ ମିଳୁ ନ ଥିଲା। ଏମିତି ଦିନଟିଏ ଆସିଲା, ଯେତେବେଳେ କଟକର ଗଳିକନ୍ଦି ବୁଲି କେବଳ ଖାଇବା ଗଣ୍ଡିଏ ଯୋଗାଡ଼ କରିବା ପାଇଁ କାମଟିଏ ଖୋଜିବାକୁ ପଡ଼ିଲା ତାଙ୍କୁ।

– ଦିନେ ବାଦାମବାଡ଼ିର ରାଣାଭାଇ କ୍ୟାସେଟ୍ ଷ୍ଟଲରେ ମନକୁ ମାରି ବସିଥାନ୍ତି ମହେଶ। ସେଇଠି ଦେଖାହେଲେ କମେଡ଼ିଆନ୍ ଜ୍ୟୋତିପ୍ରକାଶ ତ୍ରିପାଠୀ। ପଚାରିଲେ, ‘ଦେବୁ (ମହେଶଙ୍କ ଡାକନାମ)! ମନଦୁଃଖ କ’ଣ ପାଇଁ?’ କାନ୍ଦି ପକେଇଲେ ମହେଶ। କହିଲେ, ‘ଏତେ କାମ କଲି। ପେଟ ଭରିଲାନି। କେହି ମୋତେ ସୋଲୋ ଡିରେକ୍ଟର ଭାବରେ କାମ ଦେଲେନି। ଆଜି ବି ମୋ ପାଖରେ କାମ ନାହିଁ। କେତେଦିନ ପପୁଭାଇ (ଭବାନୀ ଶଙ୍କର ଦାସ)ଙ୍କ ଘରେ ରହି ଖାଇବି? ଗଣ୍ଡେ ଖାଇ ବଞ୍ଚିବା ପାଇଁ ମୋର ନିହାତି କାମ ଦରକାର।’ ଜ୍ୟୋତିବାବୁ କହିଲେ: ‘ତମେ ଗୋଟେ କାମ କର। ସିରିଏଲ୍‌ର ଆସିଷ୍ଟାଣ୍ଟ ହୁଅ। ବଞ୍ଚିଯିବ। ଏବେ ଶ୍ରୀଗଣେଶ ଟେଲି ପ୍ରଡକ୍ସନର ସୁବାସ ରାଉତ ନିବେଦିତ ସୁବ୍ରତ ନାୟକଙ୍କ ତୁଳସୀ ସିରିଏଲ ଇ-ଟିଭି ଓଡ଼ିଆରେ ଖୁବ୍ ଲୋକପ୍ରିୟ ହୋଇଛି। ତମେ ଯାଇ ସୁବ୍ରତ ନାୟକଙ୍କୁ ଭେଟ।’ ଜ୍ୟୋତିବାବୁଙ୍କ ଏହି କଥା ମହେଶଙ୍କ ମନରେ ଆଶାର ସଞ୍ଚାର ହେଲା। ସେ ସୁବ୍ରତ ନାୟକଙ୍କୁ ଭେଟିବାକୁ ବାହାରିଲେ। ତେବେ ସୁବ୍ରତ ନାୟକଙ୍କୁ ଭେଟିବା ସେତେଟା ସହଜ ନ ଥିଲା। ବହୁକଷ୍ଟ କରି ଥରକୁ ଥର ଫେରିବା ପରେ ଶେଷକୁ ସେ ସୁବ୍ରତ ନାୟକଙ୍କୁ ଭେଟିଲେ। କହିଲେ– ‘ମୋ ପାଇଁ ଖାଇବାର ବ୍ୟବସ୍ଥା କରିଦିଅନ୍ତୁ। ଆପଣ ଯାହା କହିବେ ମୁଁ ସେଇଆ କରିବି।’ ସୁବ୍ରତବାବୁ କହିଲେ– ‘ମୁଁ କାମ ଦେବି। ଖାଇବାକୁ, ରହିବାକୁ ଦେବି। ହେଲେ ଦରମା ଦେବିନି। ତମେ ରାଜି?’ ରାଜି ହୋଇଗଲେ ମହେଶ। କାମ କଲେ। ଖାଇଲେ। ରହିଲେ। କାହିଁକି ବା ଦରମା କଥା ଚିନ୍ତା କରନ୍ତେ! ମାତ୍ର ମାସଶେଷକୁ ସୁବ୍ରତ ନାୟକ ତାଙ୍କୁ ଯାହା ଦେଲେ, ତାକୁ ଧରୁଧରୁ ତାଙ୍କ ଆଖିରେ ଲୁହ ଜକେଇ ଆସିଲା। ମାସକ ଦରମା ଭାବରେ ସୁବ୍ରତବାବୁ ତାଙ୍କୁ ଦେଇଥିଲେ ସାଢ଼େ ଚାରିହଜାର ଟଙ୍କା। ମହେଶ କହନ୍ତି : ‘ସୁବ୍ରତବାବୁ ତାଙ୍କୁ କେବଳ କାମ କିମ୍ବା ଦରମା ଦେଇ ନ ଥିଲେ। ଅଧିକନ୍ତୁ ଦେବତା ପାଲଟି ତାଙ୍କୁ ମଣିଷ କରି ଦେଇଥିଲେ। ତାଙ୍କ ଜୀବନ ବି ଗଢ଼ି ଦେଇଥିଲେ।’

– ଆଜି ମହେଶ ହାଜରା କଳାଜଗତରେ ଏକ ପରିଚିତ ନାମ। ତାଙ୍କ ନିର୍ଦ୍ଦେଶନାରେ ଧାରାବାହିକ ‘ଦୁର୍ଗା’ ଘରେ ଘରେ ଲୋକପ୍ରିୟ। ସେତିକି ନୁହେଁ, ବାଘାଯତିନ୍ ଲୋକନାଟ୍ୟ ପାଇଁ ‘ମୃତ୍ୟୁଦଣ୍ଡ’ ନାଟକର ନିର୍ଦ୍ଦେଶନା ଦେଇ ସେ ଯାତ୍ରାଜଗତରେ ମଧ୍ୟ ନିଜ ଲାଗି ସ୍ଥାନଟିଏ ତିଆରି କରି ନେଇଛନ୍ତି। କାହିଁକି ହେଇ ନ ଥାନ୍ତା ଏ ସବୁ। ଏ ସବୁ ପଛରେ ଯେ ରହିଛି ଏକ ଅଶ୍ରୁସଜଳ ଅତୀତ, ଅସୁମାରି ସ୍ୱପ୍ନ ଆଉ ସଂଘର୍ଷର କାହାଣୀ। ବିନା ଅଶ୍ରୁ, ବିନା ସ୍ୱପ୍ନ ପୁଣି ବିନା ସଂଘର୍ଷରେ କ’ଣ ସଫଳତାର ହସ୍ତାକ୍ଷର ଲେଖିହୁଏ!!!

# ଡ୍ୟାନ୍ସରରୁ ନାୟିକା



କୁନୁ

ଯାଜପୁର ଟାଉନର ଝିଅ ଦୀପିକା। ତେବେ ଦୀପିକା ଭାବରେ କମ୍ ; କୁନୁ ଭାବରେ ସେ ବେଶି ପରିଚିତ। କଳା ପ୍ରତି ଥିବା ମୋହ କୁନୁଙ୍କୁ ଟାଣି ଆଣିଥିଲା ଯାତ୍ରା ଜଗତକୁ। ଧଉଳି ଗଣନାଟ୍ୟରେ ଜଣେ ଡ୍ୟାନ୍ସର ଭାବରେ ଯୋଗଦେଲେ। ଧଉଳିରୁ ଆସିଲେ କଳିଙ୍ଗ ଗଣନାଟ୍ୟକୁ। କଳିଙ୍ଗ ଗଣନାଟ୍ୟରେ ମଧ୍ୟ ଦର୍ଶକ ଦେଖିଲେ ତାଙ୍କ ଡ୍ୟାନ୍ସର ଜଲୱା। କଳିଙ୍ଗରେ କୁନୁ ପାଇଲେ ତାଙ୍କ ଜୀବନ ସାଥୀ ଧନଞ୍ଜୟଙ୍କୁ। ତା’ପରେ କୁନୁଙ୍କୁ ମିଳିଲା ଧନଞ୍ଜୟଙ୍କ ପ୍ରେରଣା ଆଉ ଉତ୍ସାହ। ଦୁହେଁ କଳିଙ୍ଗ ଛାଡ଼ି ଆସି ଯୋଗଦେଲେ ‘ଦର୍ଶକମହଲ’ରେ। ‘ଦର୍ଶକମହଲ’ରେ କୁନୁଙ୍କ ଜୀବନର ଗତି ବଦଳିଗଲା। କୁନୁ ଡ୍ୟାନ୍ସ ଛାଡ଼ି ଅଭିନୟରେ ପାଦ ଥାପିଲେ। ଲିଟିଲ୍ ମାଷ୍ଟର ବିନୋଦ ରାଉତ କୁନୁଙ୍କ ଭିତରର ପ୍ରତିଭାକୁ ଚିହ୍ନିଲେ। ଆଉ ତାଙ୍କୁ ସୁଯୋଗ ଦେଲେ ନାଟକ ‘ମା’ଲୋ କଲିକତିଆ ବୋହୂ’ରେ। ବଦଳିଗଲା କୁନୁଙ୍କ ଭାଗ୍ୟ। ଡ୍ୟାନ୍ସର୍‌ରୁ ସେ ବନିଗଲେ ନାୟିକା। କହିବା ବାହୁଲ୍ୟ, ଏବେ କୁନୁ ଯାତ୍ରା ଇଣ୍ଡଷ୍ଟ୍ରିର ଜଣେ ସୁନାମଧନ୍ୟା ଅଭିନେତ୍ରୀ। ଚଳିତବର୍ଷ ସେ ପୁଣିଥରେ ଧଉଳିକୁ ଆସି ତାଙ୍କ ଅଭିନୟର ମାୟାରେ ଦର୍ଶକଙ୍କୁ ବିଭୋର କରୁଛନ୍ତି। କୁନୁ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ‘ମା’ଲୋ କଲିକତିଆ ବୋହୂ’, ‘ଶହେ ଶହେରେ ଖେଳ’, ‘ନିଜ ଶବ ପାଇଁ ନିଜେ କୋକେଇ’, ‘କଳିଯୁଗ ତତେ ନମସ୍କାର’, ‘କେମିତିକା ନାରୀ ତୁ’, ‘କିଛି ଲୁହ ପିଇଯାଏ ଓଠ’, ‘କଳାକାହ୍ନୁ ମୋର କାଳିଆ ସୁନା’, ‘କେମିତି କହିବି ଏମିତି କଥା’ ଏବଂ ଆହୁରି ଅନେକ। କୁନୁ କୁହନ୍ତି, ତାଙ୍କ ଅଭିନୀତ ନାଟକ ମଧ୍ୟରୁ ‘ମା’ଲୋ କଲିକତିଆ ବୋହୂ’ର ପୂଜା ଏବଂ ‘କଳାକାହ୍ନୁ ମୋର କାଳିଆ ସୁନା’ର ରାଧା ଚରିତ୍ର ତାଙ୍କୁ ଖୁବ୍ ଆତ୍ମସନ୍ତୋଷ ଦେଇଛି।




# ବିମାନରେ ସନ୍ତାନ ପ୍ରସବ

କଥାଟା ଶୁଣିବାକୁ ଅଡୁଆ ଲାଗୁଥାଇପାରେ। ମାତ୍ର ଏମିତି ହିଁ ହୋଇଥିଲା। ସାତମାସର ଗର୍ଭବତୀ ଥିବା ଫିଲିପାଇନ୍ସର ଜଣେ ମହିଳା ବିମାନରେ ଯାତ୍ରା କରୁଥିଲେ। ହଠାତ୍ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେଲା। ସେ ପ୍ରଥମେ ଜାଣି ନ ପାରି ଟଏଲେଟ୍ ଚାଲିଗଲେ। ମାତ୍ର ସେହି ଟଏଲେଟ୍‌ରେ ହିଁ ତାଙ୍କର ପ୍ରସବ ହୋଇଗଲା। ସେତେବେଳେ ଭିଏତ୍‌ନାମ ଆକାଶରେ ଉଡୁଥିଲା ବିମାନଟି। ଭିଏତ୍‌ନାମ ଏୟାରପୋର୍ଟରେ ବିମାନଟିକୁ ଜରୁରିକାଳୀନ ଅବତରଣ କଲା। ଦୁଇଜଣ ନର୍ସଙ୍କୁ ଡକାଗଲା। ସେମାନେ ଆସି ନବଜାତକ ମୁହଁରେ ଅକ୍ସିଜେନ୍ ମାସ୍କ ଲଗାଇଲେ। କାରଣ ଶିଶୁଟି ଏକ ପ୍ରି-ମ୍ୟାଚ୍ୟୁଅର ବେବି ଥିଲା।

## ବ୍ୟାକ୍ ପେଜ୍











# ସୁନ୍ଦରୀ ପୁଷି

ବିଲେଇର ଗେହ୍ଲେଇ ହେବା ଗୁଣ ଓ ସୁନ୍ଦରତା ଅନେକଙ୍କୁ ବାଧ କରେ ତାଙ୍କୁ ପେଟ୍‌ଭାବେ ରଖିବାକୁ। ତେବେ ଆମେ ଏଠି ଯେଉଁ ବିଲେଇ କଥା କହୁଛୁ ସେମାନେ ଯମଜ ଏବଂ ଏତେ ସୁନ୍ଦର ଯେ, ତାଙ୍କୁ ପୃଥିବୀର ସବୁଠୁ ସୁନ୍ଦର ବିଲେଇ ବୋଲି କୁହାଯାଉଛି। ତାଙ୍କ ନାମ ହେଉଛି ଇରିଶ୍ ଏବଂ ଏବିସ୍ । ସେଣ୍ଟ ପିଟର୍ସବର୍ଗର ଏହି ଧଳା ରଙ୍ଗର ଦୁଇ ବିଲେଇଙ୍କ ବିଶେଷତ୍ୱ ହେଉଛି ତାଙ୍କର ଆଖି। ଦୁହିଁଙ୍କର ଗୋଟିଏ ଆଖି ହଳଦିଆ ଏବଂ ଅନ୍ୟଟି ନୀଳ। ଫଳରେ ସେମାନେ ଏତେ ସୁନ୍ଦର ଦେଖାଯାଆନ୍ତି ଯେ, ଦେଖିବା ଲୋକେ ସେମାନଙ୍କୁ ଟିକେ ଗେହ୍ଲା ନ କରି ରହିପାରନ୍ତି ନାହିଁ। ବିଲେଇଙ୍କ ମାଲିକ କହନ୍ତି, 'ବିଲେଇ ଦୁଇଟି ହେଉଛନ୍ତି ଏକ ଧଳା ବିଲେଇ ଓ କଳା-ଧଳା ମିଶ୍ରିତ ବିଲେଇଙ୍କ ଛୁଆ।' ତେଣୁ ଚମତ୍କାରଭାବେ ଏହି ଦୁଇ ବିଲେଇ ଏଭଳି ଆକର୍ଷକ ହୋଇଛନ୍ତି। ତେବେ ତାଙ୍କ ମାଲିକ ଯେବେ ଏହି ଦୁଇ ବିଲେଇଙ୍କର ସୁନ୍ଦର ଫଟୋଶୁଟ୍ କରାଇ ଇନଷ୍ଟାଗ୍ରାମରେ ଅପଲୋଡ୍ କଲେ, ବହୁ ସଂଖ୍ୟାରେ ପସନ୍ଦ କରାଗଲା। ଏବେ ତାଙ୍କର ୪୭,୦୦୦ରୁ ଊର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି।

## କୁମ୍ଭୀର ସହ ୨୦ ବର୍ଷ



ଥାଇଲାଣ୍ଡ, ଫିତସାନୁଲୋକ୍‌ର ୫୩ ବର୍ଷୀୟା କଣଥିପ୍ ନଥିପ୍‌ଙ୍କୁ ଘରୁ ବାହାରକୁ ଗଲେ ଚୋରି ଭୟରେ ତାଲା ପକେଇବାକୁ ପଡ଼ି ନ ଥାଏ। ଚୋର ବି ତାଙ୍କ ଘରକୁ ପଶିବାର ସାହସ କରନ୍ତି ନାହିଁ। କାରଣ ଆଖପାଖର ଲୋକେ ବେଶ୍ ଭଲଭାବେ ଜାଣନ୍ତି ତାଙ୍କ ଘରର ଜଗୁଆଳି କିଏ। ଅର୍ଥାତ୍ ଦୀର୍ଘ ୨୦ ବର୍ଷ ଧରି କଣଥିପ୍ ରହୁଛନ୍ତି ଏକ କୁମ୍ଭୀର ସହ। ଆଉ ସେ ଘର ସାରା ବେଶ୍ ଆରାମ୍‌ରେ ବୁଲିଥାଏ। ହେଲେ ଘର ଲୋକଙ୍କୁ ସେ କୌଣସି କ୍ଷତି ପହଞ୍ଚାଇ ନ ଥାଏ। ୨୦ ବର୍ଷ ପୂର୍ବେ ନଥିପ୍ ନିଜର ଦୁଇ ପିଲାଙ୍କୁ ନକୋର୍ଣ୍ଣ ସାୱନର ଏକ କୁମ୍ଭୀର ଫାର୍ମକୁ ନେଇଯାଇଥିଲେ। ସେଠି ସେମାନେ ଏକ କୁମ୍ଭୀର ଛୁଆକୁ ଏତେ ଭଲ ପାଇବସିଲେ ଯେ, ଶେଷରେ କଣଥିପ୍ ଦୁଇଟି କୁମ୍ଭୀର ଛୁଆ କିଣିବାକୁ ବାଧ ହେଲେ। ନାଁ ଦେଲେ ଥଙ୍ଗ ଓ ଗେର୍ନ। ଦୁହିଁଙ୍କୁ ଘରେ ବିନା ଦ୍ୱିଧାରେ ବିଚରଣ କରିବାକୁ ଛାଡ଼ିଥିଲେ। ତେବେ ଦିନ ଗଡ଼ିବା ସହ ଜଣା ପଡ଼ିଗଲା ଯେ, ଗେର୍ନକୁ ପୋଷା ଜୀବଭାବେ ରଖିବା ସମ୍ଭବ ନୁହେଁ। ତେଣୁ ବାଡ଼ିପଟେ ଏକ ପୋଖରୀ ଖୋଳି ତାକୁ ତା'ରି ଭିତରେ ଛାଡ଼ିଦେଲେ। ହେଲେ ଥଙ୍ଗ ଘରେ ବେଶ୍ ଆରାମ୍‌ରେ ରହିଲା। ଘର ସଦସ୍ୟଙ୍କୁ ବି କେବେ କ୍ଷତି ପହଞ୍ଚାଇଲା ନାହିଁ। ସେବେଠାରୁ ୨୦ ବର୍ଷ ଧରି ସେ ଘର ଭିତରେ ଘରର ସଦସ୍ୟଙ୍କ ଭଳି ରହିଆସୁଛି। ବର୍ତ୍ତମାନ କଣଥିପ୍‌ଙ୍କ ପୁଅମାନେ ବଡ଼ ହୋଇଗଲେଣି ଏବଂ ପାଖରେ ରହୁ ନାହାନ୍ତି। ତେଣୁ ଥଙ୍ଗ କଣଥିପ୍‌ଙ୍କ ତୃତୀୟ ପୁଅ ହୋଇଯାଇଛନ୍ତି। ଯଦିଓ ଏହା କାହାରିକୁ କ୍ଷତି ପହଞ୍ଚାଇ ନାହିଁ। ହେଲେ ତାକୁ ଧରି ଗେହ୍ଲା ବି କରନ୍ତି ନାହିଁ। କାରଣ ଲାଞ୍ଜରେ ଆଘାତ ବାଜିବାର ଆଶଙ୍କା ଥାଏ।

